ବର୍ଷ-୨୬, ସଂଖ୍ୟା-୮୩
ଭୁବନେଶ୍ୱର
୨୭, ମାର୍ଚ୍ଚ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.83
Bhubaneswar
27 March, , 2026 Friday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ଆସିଲା ଅବକାରୀ ନୀତି

## ରାଜ୍ୟରେ ଆଉ ଖୋଲିବନି ନୂଆ ମଦ ଦୋକାନ, ଲାଇସେନ୍ସ ଶୁଳ୍କ ୨୦% ବୃଦ୍ଧି

ଭୁବନେଶ୍ୱର,୨୬।୩(ମହାଭାରତ): ଓଡ଼ିଶା ସରକାର ପକ୍ଷରୁ ୨୦୨୬ ରୁ ୨୦୨୯ ଅବଧି ପାଇଁ ଏକ ନୂତନ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କରାଯାଇଛି। ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ନୀତିକୁ ଉପସ୍ଥାପନା କରିଥିଲେ। ୧ ଏପ୍ରିଲ ୨୦୨୬ ଠାରୁ ୩୧ ମାର୍ଚ୍ଚ ୨୦୨୯ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ। ପୂର୍ବରୁ ଚାଲୁଥିବା ବାର୍ଷିକ ଅବକାରୀ ନୀତି ପରିବର୍ତ୍ତେ ଏବେ ତ୍ରୈ-ବାର୍ଷିକ ଧାଞ୍ଚା ଆଣି ସରକାର ନୀତିରେ ସ୍ଥିରତା ଓ ସ୍ୱଚ୍ଛତା ଆଣିବାକୁ ଉଦ୍ୟମ କରିଛନ୍ତି। ତଥାପି ପରିସ୍ଥିତି ଅନୁଯାୟୀ ଏହାରେ ସଂଶୋଧନ କରିବା ପାଇଁ ବ୍ୟବସ୍ଥା ମଧ୍ୟ ରଖାଯାଇଛି।



ନୂତନ ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଲା ଅବକାରୀ ଶୁଳ୍କ ଉପରେ ୦.୫% ଡି-ଆଡିକ୍ସନ ସେସ୍ ପ୍ରଚଳନ। ଏହା ମାଧ୍ୟମରେ ମଦକୁ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି। ଏହି ସେସ୍ ରୁ ଆସୁଥିବା ଅର୍ଥ ଡି-ଆଡିକ୍ସନ କେନ୍ଦ୍ର ସ୍ଥାପନ ଓ ସୁଦୃଢ଼ କରିବାରେ ବ୍ୟୟ ହେବ। ଏହାସହିତ ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦% ବଢ଼ାଯାଇଛି। ଲାଇସେନ୍ସ ଶୁଳ୍କ ପ୍ରତିବର୍ଷ ୧୦ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବାକୁ ଥିବାବେଳେ ଥଳଏ IMFL ଓ ଦେଶୀ ମଦ ଉପରେ ମଧ୍ୟ ଅବକାରୀ ଶୁଳ୍କ ବଢ଼ାଯାଇଛି।

ନୂତନ ନୀତି ଅନୁସାରେ ନୂଆ OFF, CL କିମ୍ବା OS ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ବିଶେଷ କରି ଗ୍ରାମାଞ୍ଚଳରେ ନୂତନ ଦୋକାନ ଖୋଲାରେ ନିଷେଧ ଜାରି ରହିବ। ତେବେ ଶିକ୍ଷାଞ୍ଚଳର ୩-ତାରକା ଓ ତାହାଠାରୁ ଉପର ହୋଟେଲ୍ ଓ କ୍ଲବଗୁଡ଼ିକୁ ଛଡା ଯାଇଛି।

ଧାର୍ମିକ ଓ ସାଂସ୍କୃତିକ ଭାବନାକୁ ସମ୍ମାନ ଦେଇ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ବଡଦାଣ୍ଡ ନିକଟରେ କୌଣସି ଅବକାରୀ ଦୋକାନ ଚାଲୁ ହେବ ନାହିଁ ବୋଲି ନୀତିରେ ସ୍ପଷ୍ଟ କରାଯାଇଛି। ଏହା ସହିତ ଘରକୁ ମଦ ଡିଲିଭେରି ବ୍ୟବସ୍ଥାକୁ ମଧ୍ୟ ଅନୁମତି ଦିଆଯାଇନି। ସରକାରଙ୍କ ଏହି ନୂତନ ଅବକାରୀ ନୀତି ରାଜ୍ୟରେ ମଦ ବ୍ୟବସ୍ଥାପନାକୁ ଶୃଙ୍ଖଳିତ କରିବା ସହିତ ସାମାଜିକ ଦାୟିତ୍ୱକୁ ମଧ୍ୟ ଗୁରୁତ୍ୱ ଦେବାରେ ଏକ ପ୍ରୟାସ ବୋଲି ମନାଯାଉଛି।



## ବଡେଇବାଙ୍କ ଛକରେ ଅଟକିଲା ରୁକୁଣା ରଥ

ଭୁବନେଶ୍ୱର,୨୬।୩(ମହାଙଭରତ); : ପବିତ୍ର ଅଶୋକାଷ୍ଟମୀ ଅବସରରେ ଭୁବନେଶ୍ୱରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ପ୍ରସିଦ୍ଧ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଆରମ୍ଭ ହୋଇଥିବା ରଥ ଟଣା ସନ୍ଧ୍ୟା ସୁଦ୍ଧା ବଡେଇବାଙ୍କ ଛକରେ ଅଟକିଛି । ପୁଣି ଥରେ ଆସନ୍ତାକାଲି ମହାପ୍ରଭୁ ଲିଙ୍ଗରାଜଙ୍କ ରଥଟଣା ହେବ । ଆଜି ପ୍ରଥମେ ପ୍ରଭୁ ଲିଙ୍ଗରାଜଙ୍କ ପହିଲି ନୀତି ମଙ୍ଗଳ ଆଳତି ଏବଂ ଅବକାଶ ଭୋର ୪ଟାରୁ ସାଢେ ୪ଟାରେ ମଧ୍ୟରେ ସୁରୁଖରେ ଶେଷ ହୋଇଥିଲା । ସକାଳ ଧୂପ ଏବଂ ବଢ଼ି ଭୋଗ ମଣ୍ଡପ ଶେଷ ହେବା ପହଣ୍ଡି ଆରମ୍ଭ ହୋଇଥିଲା । ଏହା ପରେ ଅପରାହ୍ନରେ ବାବା ଲିଙ୍ଗରାଜଙ୍କ ରଥ ଟଣା ଆରମ୍ଭ ହୋଇଥିଲେ । ମହାପ୍ରଭୁ ଶ୍ରୀଲିଙ୍ଗରାଜ, ଦୋଳଗୋବିନ୍ଦ ଏବଂ ମା' ଦୁର୍ଗା ବିରାଜମାନ କରି ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଏହି ଦିବ୍ୟ ଅନୁଭୂତିକୁ ସାଉଁଟିବାକୁ ଏକାମ୍ର କ୍ଷେତ୍ର ଜନସମୁଦ୍ରରେ ପରିଣତ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଭକ୍ତ ରଥ ଟାଣିଥିଲେ । ଏହି ସମୟରେ କିଛି ଅପ୍ରିତୀକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା । ରଥ ଟଣା ଆରମ୍ଭରୁ ଦଉଡ଼ି ଛିଡ଼ି ଯାଇଥିଲା। ସେହିପରି କାଳବୈଶାଖୀ ବର୍ଷାରେ ମଧ୍ୟ ଶ୍ରଦ୍ଧାଳୁ ଭିଜିଥିଲେ । ବର୍ଷା ପାଇଁ ପ୍ରାୟ ଏକ ଘଣ୍ଟା ଧରି ରଥ ଟଣା ସ୍ଥଗିତ ରହିଥିଲା । ବର୍ଷା ଛାଡ଼ିବା ପରେ ରଥ ଟଣା ଆରମ୍ଭ ହୋଇଥିଲା । ରଥ ମୋଡ଼ ବଦଳାଇ ଡ୍ରେନ୍ ଆଡ଼କୁ ମାଡ଼ିଯାଇଥିଲା । ତେବେ ଏହାରି ମଧ୍ୟରେ ରୁକୁଣା ରଥ ବଡେଇବାଙ୍କ ଛକ ନିକଟରେ ଅଟକିଛି । ଆସନ୍ତାକାଲି ଅପରାହ୍ନ ସାଢେ ଦୁଇଟା ବେଳକୁ ପୁନର୍ବାର ରଥଟଣା ଆରମ୍ଭ ହୋଇ ରାମେଶ୍ୱର ମନ୍ଦିର ନିକଟରେ ପହଁଚ଼ିବ ।


## ସାହସିକତା ପୁରସ୍କାର ପ୍ରାପ୍ତଙ୍କୁ ଆଜୀବନ ମାଗଣା ରେଳ ସେବା

ନୂଆଦିଲ୍ଲୀ,୨୬।୩(ମହାଭାରତ): ପ୍ରତିରକ୍ଷା କ୍ଷେତ୍ରରେ ସାହସିକତା ପୁରସ୍କାର ପ୍ରାପ୍ତ ଯବାନଙ୍କୁ ଏଣିକି ଆଜୀବନ ମାଗଣା ରେଳ ସେବା ମିଳିବ । ସମସ୍ତ ସାହସିକତା ପୁରସ୍କାର ବିଜେତା ଏବଂ ପରିବାର ଜୀବନବ୍ୟାପୀ ମାଗଣାରେ ରେଳ ଯାତ୍ରା କରିପାରିବେ। କେନ୍ଦ୍ର ସରକାର ତାଙ୍କ ପୂର୍ବ ନିଷ୍ପତ୍ତିକୁ ସଂଶୋଧନ କରିଛନ୍ତି। ରେଳ ମନ୍ତ୍ରାଳୟର ନିଷ୍ପତ୍ତି ଅନୁଯାୟୀ, ଭାରତୀୟ ସ୍ଥଳ ସେନା, ନୌସେନା ଏବଂ ବାୟୁ ସେନାରେ କାର୍ଯ୍ୟରତ ଯବାନ ଯେଉଁମାନେ ସାହସିକତା ପୁରସ୍କାରରେ ପୁରସ୍କୃତ ହେଉଛନ୍ତି ସେମାନେ ଆଜୀବନ ମାଗଣାରେ ରେଳ ଯାତ୍ରା କରିବାର ସୁଯୋଗ ପାଇ ପାରିବେ । ସାହାସିକତା ପରମବୀର ଚ଼କ୍ର, ମହାବୀର ଚ଼କ୍ର, ବୀର ଚ଼କ୍ର, ଅଶୋକ ଚ଼କ୍ର, କୀର୍ତ୍ତି ଚ଼କ୍ର ଏବଂ ସୂର୍ଯ୍ୟ ଚ଼କ୍ର ବିଜେତାଙ୍କୁ ଏହି ସୁବିଧା ମିଳିବ । ଖାଲି ସେତିକି ସେମାନଙ୍କ ପରିବାର ମଧ୍ୟ ଏହି ସୁବିଧା ପାଇପାରିବେ । ଯଦି ବିଜେତାଙ୍କ ବିବାହିତ ହୋଇଥାଆନ୍ତି ତେବେ ତାଙ୍କ ପତ୍ନୀ ମଧ୍ୟ ମାଗଣାରେ ରେଳ ଯାତ୍ରା କରିପାରିବେ । ଯଦି ବିଜେତାଙ୍କ ମୃତ୍ୟୁ ହୋଇଯାଏ ତାଙ୍କ ବିଧବା ପତ୍ନୀ ଆଜୀବନ କିମ୍ବା ଦ୍ୱିତୀୟ ବିବାହ କରିବା ପର୍ଯ୍ୟନ୍ତ ଏହି ସୁବିଧାର ଲାଭ ଉଠାଇ ପାରିବେ । ସେହିପରି ଯେଉଁମାନେ ଅବିବାହିତ ସେମାନଙ୍କ ମାତା-ପିତା ମଧ୍ୟ ମାଗଣାରେ ଯାତ୍ରା କରିପାରିବେ । ରେଳର ସମସ୍ତ ବର୍ଗର ଲାଭ ଉଠାଇ ପାରିବେ । ପ୍ରଥମ ଶ୍ରେଣୀ ଏସି, ଦ୍ୱିତୀୟ ଶ୍ରେଣୀ ଏସି ଏବଂ ଏସି ଚେୟାର କାରରେ ମାଗଣାରେ ଯାତ୍ରା କରିପାରିବେ ବୋଲି ରେଳ ବିଭାଗ ଘୋଷଣା କରିଛି । ଏହି ନିୟମ ଘୋଷଣା ପରଠାରୁ ଲାଗୁ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ କହିଛି ।

## ବାରବାଟୀରେ ଭାରତ-ଶ୍ରୀଲଙ୍କା ଟି-୨୦ ମ୍ୟାଚ୍

କଟକ,୨୬।୩(ମହାଭାରତ): କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସୀ ଖବର। ପୁଣି ବାରବାଟୀରେ ଦେଖିବାକୁ ମିଳିବ କ୍ରିକେଟର କ୍ରେଜ୍। କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍। ଡିସେମ୍ବର ୨୪ ତାରିଖରେ ବାରବାଟୀ ଷ୍ଟାଡିୟମରେ ଏକ ଭାରତ-ଶ୍ରୀଲଙ୍କା ଟି-୨୦ ମ୍ୟାଚ୍ ଖେଳାଯିବାକୁ ନିଶ୍ଚିତ ହୋଇଛି। ଏହି ମ୍ୟାଚ୍ ଯୋଗୁଁ ଦୀର୍ଘ ଦିନର ବ୍ୟବଧାନ ପରେ ବାରବାଟୀକୁ ଆନ୍ତର୍ଜାତୀୟ କ୍ରିକେଟ ଫେରିବ, ଯାହା ସ୍ଥାନୀୟ ଫ୍ୟାନମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟିହୋଇଛି।

## ଅସାଧୁବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୨୬।୩(ମହାଭାରତ): ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଆଜି ଏକ ଉଚ୍ଚ଼ସ୍ତରୀୟ ବୈଠକରେ ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷାରୁ ଜଣାଯାଇଛି ଯେ, ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟାସ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି । ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟ ଗୁଡିକର କଳାବଜାରୀ ନହୁଏ, ସେଥିପ୍ରତି ସଜାଗ ରହିବା ସହିତ ରାଜ୍ୟବ୍ୟାପୀ ଚ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ରବିଋତୁ ଚ଼ାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏ ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆଶଙ୍କିତ ନ ହୁଅନ୍ତି, ସେଥିପ୍ରତି ସରକାରୀସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚ଼ନାଯୋଗ୍ୟ ଯେ, ପେଟ୍ରୋଲ ଓ ପେଟ୍ରୋଲିୟମ ସାମଗ୍ରୀ ତଥା ଏଲ୍.ଏନ୍.ଜି ପାଇଁ ଭାରତ ବିଭିନ୍ନ ଗଲ୍ଫ ଦେଶମାନଙ୍କ ଉପରେ ନିର୍ଭର କରିଥାଏ । ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ପାଇଁ ଉଭୟ ପେଟ୍ରୋଲ ଓ ଏଲ୍.ପି.ଜି ଉପରେ ଏହାର ପ୍ରଭାବ ପଡିବାର ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟରେ ଏ ସବୁ ସାମଗ୍ରୀର ଉପଲବ୍‌ଧତା ଓ ବଣ୍ଟନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ଏହି ବୈଠକ ଡାକିଥିଲେ ।

ମୁଖ୍ୟ ଶାସନ ସଚ଼ିବ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସମସ୍ୟାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିସ୍ତୃତ ବିବରଣୀ ରଖିଥିଲେ । ବୈଠକରେ ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ସାର ଯୋଗାଣ ଯେପରି ଅବ୍ୟାହତ ରହିବ, ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚ଼ନା ହୋଇଥିଲା । ଏହି ବୈଠକରେ ମୁଖ୍ୟ ଶାସନ ସଚ଼ିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଶ୍ରୀ ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀମତୀ ଉଷା ପାଧୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶ୍ରୀ ବିଶାଲ କୁମାର ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚ଼ିବ ଶ୍ରୀ ସଞ୍ଜୟ କୁମାର ସିଂହ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚ଼ିବ ଶ୍ରୀ ସଚ଼ିନ ରାମଚ଼ନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।

### ଚ଼ାଲିପାରୁନି ବିଧାନସଭା

## ସୋମବାର ଯାଏଁ ଗୃହ ମୁଲତବୀ

ଭୁବନେଶ୍ୱର,୨୬।୩(ନି.ପ୍ର.):: ଦିନ ପରେ ଦିନ ଗଡୁଛି, ହେଲେ ବିଧାନସଭାରେ ଥମୁନି ହଟ୍ଟଗୋଳ। ସେହି ସମାନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟ ନାରାବାଜି କରୁଛନ୍ତି। ଏସ୍ସିବି ମେଡିକାଲ ପୋଡ଼ି ପ୍ରସଙ୍ଗ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଅଟଳ। ଆଜି ମଧ୍ୟ ଗୃହରେ ପ୍ରଶ୍ନକାଳ ଆରମ୍ଭରୁ ଦେଖାଦେଇଛି ଅସନ୍ତୋଷ। ବିରୋଧୀଙ୍କ ହଙ୍ଗାମା, ହଟ୍ଟଗୋଳ ଭିତରେ ସ୍ୱାଭାବିକ ଭାବେ ଚ଼ାଲିପାରୁନି ଗୃହ। ଫଳରେ ହଟ୍ଟଗୋଳ ମଧ୍ୟରେ ଗୃହକୁ ପ୍ରଥମେ ସା?? ୧୧ଟା ଯାଏଁ ମୁଲତବୀ କରିଥିଲେ ବାଚ଼ସ୍ପତି।ବିଧାନସଭା ପରିସରରେ ଥିବା ଗାନ୍ଧିମୂର୍ତ୍ତୀ ତଳେ ବିରୋଧୀ ପ୍ରତିବାଦ କରିଥିଲେ। ଏହା ପୁଣି ଗୃହ କାର୍ଯ୍ୟ ଆରମ୍ଭ ହେବ ମାତ୍ରେ ସେଇ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ବାଧ୍ୟ ହୋଇ ବାଚ଼ସ୍ପତି ସୋମବାର ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଏସସିବି ମେଡ଼ିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ୧୭ ତାରିଖରୁ ଲଗାତାର ଭାବେ ଗୃହରେ ହଟ୍ଟଗୋଳ କରୁଛନ୍ତି ବିରୋଧୀ। ବାଚ଼ସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ବି ବାହାରିପାରିନି ନିଷ୍କର୍ଷ। ଅନ୍ୟପଟେ ବିରୋଧୀଙ୍କ ଆଭିମୁଖ୍ୟ ନେଇ ତୀବ୍ର ସମାଲୋଚ଼ନା କରିଛି ଶାସକ ବିଜେପି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି,ଏସସିବିରେ ନିଆଁ ଲାଗିବା ମାତ୍ରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମେଡିକାଲକୁ ଯାଇଥିଲେ। ଦୁଇଟି କମିଟି ଗଠନ ସହ ବିଚ଼ାର ବିଭାଗୀୟ ତଦନ୍ତ ହେଉଛି। ରିପୋର୍ଟ ଦେବାକୁ ସମୟସୀମା ଧାର୍ଯ୍ୟ ହୋଇଛି। ସେହିପରି ପୂର୍ବତନ ସରକାରଙ୍କ ସମୟରେ ଅନେକ ମନ୍ତ୍ରୀମାନଙ୍କ ନାଁରେ ଅପରାଧିକ ମାମଲା ଆସିଥିଲା। ସେମାନେ କଣ ଇସ୍ତଫା ଦେଇଥିଲେ କି ବୋଲି ସେ ପଚ଼ାରିଛନ୍ତି ?

## ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ

ଭୁବନେଶ୍ୱର୨୬।୩(ମହାଭାରତ) : ରାଜଧାନୀ ଭୁବନେଶ୍ୱରରେ କାଳବୈଶାଖୀ ପ୍ରଭାବ । ଛେଚୁଛି କୁଆପଥର ବର୍ଷା । ଘଡ଼ଘଡ଼ି ସାଙ୍ଗକୁ ପବନ ବହୁଥିବାବେଳେ ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ହୋଇଛି । ପାହାଳ, ରସୁଲଗଡ଼ ଏବଂ କୁଆପଥର ମାଡ଼ । ସେପଟେ କଟକରେ ମଧ୍ୟ କାଳବେ?ଶାଖୀର ପ୍ରଭାବ ଦେଖିବାକୁ ମିଳିଛି । ଟ୍ୱିନସିଟିରେ ଏବେ କାଳବେଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହେଉଥିବାବେଳେଆଗାମୀ ୩ ଘଣ୍ଟା ପାଇଁ ସତର୍କତା ଜାରି କରାଯାଇଛି । ୪ ଜିଲ୍ଲାକୁ ଆଗାମୀ ୩ ଘଣ୍ଟା ପାଇଁ ବର୍ଷା ସତର୍କତା ଜାରି କରାଯାଇଛି । କଟକ, ପୁରୀ, ଖୋର୍ଦ୍ଧା ଆଉ ଜଗତସିଂହପୁର ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ପବନ ସହ ମଧ୍ୟମ ଧରଣର ବର୍ଷା ହୋଇପାରେ । ୪୦ରୁ ୫୦ କିମି ବେଗରେ ପବନ ବହିପାରେ ।

## ଓଡ଼ିଶା ଗସ୍ତରେ ସ୍ଥଳସେନା ମୁଖ୍ୟ

ଭୁବନେଶ୍ୱର,୨୬।୩(ମହାଭାରତ): ଭାରତୀୟ ସ୍ଥଳସେନାର ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୨୭ରୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ସେ ଭୁବନେଶ୍ୱର, ପୁରୀ ଏବଂ ଗୋପାଳପୁରରେ ବିଭିନ୍ନ ସେନା ଓ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବେ।

ଗସ୍ତ କାର୍ଯ୍ୟସୂଚ଼ୀ ଅନୁସାରେ, ଜେନେରାଲ ଦ୍ୱିବେଦୀ ମାର୍ଚ୍ଚ ୨୭ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ। ସେଠାରୁ ସେ ୧୨୦ ପଦାତିକ ବାଟାଲିୟନ (ଟେରିଟୋରିଆଲ ଆର୍ମି)କୁ ଯାଇ ସେନାର କାର୍ଯ୍ୟକଳାପ ଦେଖିବେ ଏବଂ ସେଠାରେ ରାତ୍ରିଯାପନ କରିବେ।ପରବର୍ତ୍ତୀ ଦିନ ଅର୍ଥାତ୍ ମାର୍ଚ୍ଚ ୨୮ରେ ସେ ପୁରୀ ଯାତ୍ରା କରିବେ। ପୁରୀର ସୈନିକ ସଦନରେ ରହିବା ସମୟରେ ସେଠାରୁ ସେ ଶ୍ରୀମନ୍ଦିରଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବେ ବୋଲି ସୂଚ଼ନା ମିଳିଛି। ଏହା ପରେ ଜେନେରାଲ ଦ୍ୱିବେଦୀ ତାଲାବଣିଆ ହେଲିପ୍ୟାଡ୍ ମାଧ୍ୟମରେ ଗୋପାଳପୁରକୁ ଯିବେ, ଯେଉଁଠାରେ ସେ ଆର୍ମି ଏୟାର ଡିଫେନ୍ସ କଲେଜ ପରିଦର୍ଶନ କରିବେ। ଗୋପାଳପୁରରେ ଥିବା ସମୟରେ ସେ ସେନାର ତାଲିମ ବ୍ୟବସ୍ଥା, ଆଧୁନିକ ସାମଗ୍ରୀ ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସମୀକ୍ଷା କରିବେ।

## ଇରାନ ନୌସେନାର କମାଣ୍ଡରଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୬।୩(ମହାଭାରତ) ପୁଣି ଥରେ ଇରାନକୁ ଶକ୍ତ ଝଟକା ଲାଗିଛି । ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ନୌସେନାର କମାଣ୍ଡର ରିଅର ଆଡମିରାଲ ଆଲିରେଜା ତାଙ୍ଗସିରିଙ୍କ ମୃତ୍ୟୁ ହୋଇଥିବାର ଦାବି କରିଛି ଇସ୍ରାଏଲ୍ । ଜଣେ ଇସ୍ରାଏଲୀ ଅଧିକାରୀ ଦାବି କରିଛନ୍ତି ଯେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ସମୟରେ ବନ୍ଦର ଆବାସରେ ତାଙ୍ଗସିରିଙ୍କ ମୃତ୍ୟୁ ହୋଇଛି । ତାଙ୍ଗସିରି ହର୍ମୁଜ୍ ଷ୍ଟ୍ରେଷ୍ଟ ବନ୍ଦ କରିବାକୁ ଧମକ ଦେଇଥିଲେ । ତେବେ ଇରାନ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ଆଲିରେଜା ତାଙ୍ଗସିରି ୨୦୧୮ ମସିହାରୁ ଓଜଏଉ ନୌସେନାର କମାଣ୍ଡର ଭାବରେ କାର୍ଯ୍ୟ କରିଥିଲେ। ତାଙ୍କୁ ଇରାନର ନୌସେନା ରଣନୀତିରେ ଜଣେ ପ୍ରମୁଖ ବ୍ୟକ୍ତି ଭାବରେ ବିବେଚ଼ନା କରାଯାଉଥିଲା। ତାଙ୍କ ନାମ ବିଶେଷ ଭାବରେ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବାର ଧମକ ସହିତ ଜଡିତ ଥିଲା । ତାଙ୍ଗସିରି ଅନେକ ଥର ଧମକ ଦେଇଥିଲେ ଯେ ଆବଶ୍ୟକତା ସ୍ଥଳେ ଇରାନ ହର୍ମୁଜକୁ ଶତ୍ରୁ ପକ୍ଷ ପାଇଁ ବନ୍ଦ କରିପାରିବ । ଆମେରିକା ଏବଂ ଇସ୍ରାଏଲ ବିରୁଦ୍ଧରେ ଇରାନର ସାମୁଦ୍ରିକ କ୍ଷମତାକୁ ବୃଦ୍ଧି କରିବାରେ ତାଙ୍ଗସିରିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଲ୍ଲେଖଯୋଗ୍ୟ, ଆମେରିକା-ଇସ୍ରାଏଲ୍ ସହିତ ଯୁଦ୍ଧରେ ଇରାନର ଏଯାବତ ୮ ଜଣ ଶୀର୍ଷ ନେତାଙ୍କୁ ହରାଇଛି । ସର୍ବୋଚ୍ଚ଼ ନେତା ଆୟାତୋଲ୍ଲା ଅଲି ଖାମେନି ପ୍ରାଣ ହରାଇଛନ୍ତି ।



## ବଢ଼ିବନି ବିଧାୟକଙ୍କ ଦରମା

ଭୁବନେଶ୍ୱ,୨୬।୩(ମହାଭାରତ): ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ଜୋରଦାର ରାଜନୈତିକ ତୁଫାନ ପରେ ଶେଷରେ ପଛକୁ ହଟିଛନ୍ତି ରାଜ୍ୟ ସରକାର। ବିଧାନସଭାରେ ପାରିତ ହୋଇଥିବା ଦରମା ବୃଦ୍ଧି ବିଲ୍କୁ ଆଜି ଅଧିକୃତ ଭାବେ ପ୍ରତ୍ୟାହାର କରାଯାଇଛି। ଗତ ବର୍ଷ ପାସ୍ ହୋଇଥିବା ଏହି ବିଲ୍ ଅନୁସାରେ ବିଧାୟକ, ମନ୍ତ୍ରୀ ଓ ବାଚ଼ସ୍ପତିଙ୍କ ଦରମାକୁ ତିନିଗୁଣା ବଢାଇବାକୁ ବ୍ୟବସ୍ଥା ଥିଲା।

ନୂତନ ବ୍ୟବସ୍ଥା ଲାଗୁ ହେଲେ ବିଧାୟକମାନେ ପ୍ରତିମାସ ପ୍ରାୟ ୩ ଲକ୍ଷ ୪୫ ହଜାର ଟଙ୍କା ପାଇଥାନ୍ତେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦରମା ପାଖାପାଖି ୩.୭୪ ଲକ୍ଷ ଟଙ୍କା ଓ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ଦରମା ୩.୬୦ ଲକ୍ଷ ଟଙ୍କାକୁ ଛୁଇଁଥାନ୍ତା। କିନ୍ତୁ ଦେଶର ଅନ୍ୟ ରାଜ୍ୟଙ୍କ ସହିତ ତୁଳନା କରିଲେ ଏହି ବୃଦ୍ଧି ସର୍ବାଧିକ ଥିବାରୁ ସାଧାରଣ ଲୋକମାନଙ୍କ ମଧ୍ୟରେ ଭାରୀ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସୋସିଆଲ୍ ମିଡିଆରୁ ଆରମ୍ଭ କରି ରାଜନୈତିକ ମଞ୍ଚ ସବୁଠି ଏହାକୁ ନେଇ ତୀବ୍ର ସମାଲୋଚ଼ନା ହୋଇଥିଲା।ପରିସ୍ଥିତି ଗମ୍ଭୀର ହେବା ପରେ ଶାସକ ଓ ବିରୋଧୀ ଉଭୟ ଦଳରୁ ବିଲ୍ ପ୍ରତ୍ୟାହାର ପାଇଁ ସରକାର ଉପରେ ଚ଼ାପ ବଢିଥିଲା। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ବର୍ଦ୍ଧିତ ଦରମା ନେବାରୁ ବିରତ ରହି ଗରିବଙ୍କ କଲ୍ୟାଣରେ ଧନ ବ୍ୟୟ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସରକାର ଲୋକମତକୁ ସମ୍ମାନ ଦେଇ ବିଲ୍କୁ ଫେରାଇ ନେବାର ନିଷ୍ପତ୍ତି ନେଇଛି।ଓଡ଼ିଶା ବିଧାନସଭା ସଚ଼ିବାଳୟ ପକ୍ଷରୁ ସମସ୍ତ ବିଧାୟକଙ୍କୁ ଏକ ପତ୍ର ଜରିଆରେ ଏହି ସୂଚ଼ନା ଦିଆଯାଇଛି। ସଚ଼ିବ ସତ୍ୟବ୍ରତ ରାଉତଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ଚ଼ିଠିରେ ଦର୍ଶାଯାଇଛି ଯେ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ୪ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପ୍ରତ୍ୟାହାର କରିବା ପାଇଁ ଅନୁମତି ମାଗିଛନ୍ତି।ଓଡ଼ିଶା ବିଧାନସଭା ସଭ୍ୟଙ୍କ ଦରମା, ଭତ୍ତା ଓ ପେନସନ (ସଂଶୋଧନ) ବିଲ୍, ୨୦୨୫, ଓଡ଼ିଶା ବିଧାନସଭା ବାଚ଼ସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍, ୨୦୨୫, ଓଡ଼ିଶା ବିଧାନସଭା ଉପ-ବାଚ଼ସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍, ୨୦୨୫, ଓଡ଼ିଶା ମନ୍ତ୍ରୀଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍, ୨୦୨୫ କୁ ପ୍ରତ୍ୟାହାର କରିବାକୁ ଅନୁମତି ମାଗିଛନ୍ତି। ଏହି ବିଲ୍ ଗୁଡ଼ିକ ଗୃହରେ ଆଗତ ହୋଇସାରିଥିବାବେଳେ ଏବେ ସରକାର ଏହାକୁ ପ୍ରତ୍ୟାହାର କରୁଛନ୍ତି। ବିଧାନସଭା ସଚ଼ିବାଳୟ ଏହି ନୋଟିସର ନକଲ ରାଜ୍ୟପାଳଙ୍କ ସଚ଼ିବ, ଆଡଭୋକେଟ ଜେନେରାଲ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ପଠାଇ ଦେଇଛନ୍ତି।



## ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ । ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ । ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ ।



## ଖବର

## ଅନନ୍ୟାଙ୍କ ନୂଆ କେଶବିନ୍ୟାସ



ନିକଟରେ ନୂଆ ରୂପରେ ଦେଖାଦେଇଛନ୍ତି ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ତାଙ୍କ ରୂପ ପରିବର୍ତ୍ତନର ମୁଖ୍ୟ ଅଂଶ ହେଉଛି ନୂଆ କେଶବିନ୍ୟାସୟ ଅନନ୍ୟାଙ୍କ ଏହି ଚର୍ଚ୍ଚିତ କେଶବିନ୍ୟାସର ନାମ 'ବ୍ୟାଙ୍ଗ୍ସ'। ଏହା ଦେଖି ଲୋକେ କହିଲେଣି ହଲିଉଡ୍ ଅଭିନେତ୍ରୀ ଡାକୋଟା ଜନ୍ସନ୍ଙ୍କ ପରି ଦିଶିବା ପାଇଁ ସେ ତାଙ୍କ କେଶ ଷ୍ଟାଇଲ୍କୁ ନକଲ କରିଛନ୍ତି । ସେ ଯାହା ହେଉ, ଅନନ୍ୟା କିନ୍ତୁ ଏ ନେଇ ଖୁବ୍ ଉତ୍ସାହିତ। ସେଥିପାଇଁ ସେ ଇନ୍ଷ୍ଟାଗ୍ରାମ୍ରେ କେଶ କାଟିବା ସମୟର ଫଟୋରୁ ଆରମ୍ଭ କରି ଗୋଟିଏ ଦିନରେ ଦୁଇଥର ଅଲଗା ଅଲଗା ପୋଷାକରେ ନିଜର ଫଟୋ ଛାଡ଼ିଛନ୍ତି ।ପୁଣି ବ୍ୟାଙ୍ଗ୍ସ ହେଆର୍ଷ୍ଟାଇଲ୍ ଆପଣାଇବା ପରେ ସେ ଇନ୍ଷ୍ଟାଗ୍ରାମ୍ରେ ଅଧିକ ସକ୍ରିୟ ହୋଇଉଠିଛନ୍ତି କି ବୋଲି ନିଜେ ପ୍ରଶଂସକମାନଙ୍କୁ ପଚାରିବାରୁ ତାଙ୍କ ମା' ଉତ୍ତରରେ 'ହଁ' ବୋଲି ଲେଖିଛନ୍ତି । ମୁମ୍ବାଇରେ ଆୟୋଜିତ ଲାକ୍ମେ ଫ୍ୟାସନ୍ କ୍ର ରାମ୍ପ୍ରେ ମଧ ସେ ଡିଜାଇନର୍ ରାହୁଲ ମିଶ୍ରାଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପିନ୍ଧି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ । ଅନନ୍ୟା ଶେଷ ଥର କାର୍ତ୍ତିକ ଆର୍ଯ୍ୟନଙ୍କ ସହିତ 'ତୁ ମେରି ମେଁ ତେରା, ମେଁ ତେରା ତୁ ମେରି' ଚଳଚ୍ଚିତ୍ରରେ ଦେଖାଦେଇଥିଲେ । ଆଗକୁ ତାଙ୍କ ଅଭିନୀତ 'ଚାନ୍ଦ ମେରା ଦିଲ' ଚଳଚ୍ଚିତ୍ର ଓ 'କଲ୍ ମି ବେ ୨' ୱେବ୍ ଧାରାବାହିକ ଆସିବାର ଅଛି ।

## ଫ୍ରିଜରେ ରଖନ୍ତୁ ନାହିଁ ଏହି ଜିନିଷ

ଆମେ ସମସ୍ତେ ଭଲ ଭାବେ ଜାଣିଛନ୍ତି ଯେ ଦ୍ରବ୍ୟକୁ ଫ୍ରିଜରେ ସୁରକ୍ଷିତ ଭାବେ ରଖାଯାଇପାରିବେ,କିନ୍ତୁ ଏହାର ମାନେ ନୁହେଁ ଯେ ସମସ୍ତ ଦ୍ରବ୍ୟକୁ ଫ୍ରିଜରେ ରଖାଯିବ। ବେଳେବେଳେ ଆମକୁ ସୁହାଉଥିବା ଭଳି ଅଭ୍ୟାସ ମଧ୍ୟ ଆମ ଅଜଣାତରେ ନୂଆ ସମସ୍ୟା ସୃଷ୍ଟି କରିଥାଏ । କେଉଁ ଦ୍ରବ୍ୟକୁ ଫ୍ରିଜରେ ରଖାଗଲେ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ସେ ସଂପର୍କରେ ଆସନ୍ତୁ ଜାଣିନେବା ।

ଅଧିକାଂଶ ଲୋକ ଫ୍ରିଜରେ ଟମାଟୋ ରଖନ୍ତି । ଟମାଟୋ ଏକ ପରିବା ନୁହେଁ ଏହା ଏକ ଫଳ । ଏହା ଅଧିକ ଗରମ ଏବଂ ପାଣି ଲୋଡ଼ିଥାଏ। ପାଗ ଥଣ୍ଡା ହେଲେ ଏହା ସମ୍ଭାଳି ପାରିନଥାଏ । ଶୀଘ୍ର ପଚିଯାଏ । ଭିନେଗାର ଓ ସୋୟା ସସକୁ ଫ୍ରିଜରେ ରଖନ୍ତୁ ନାହିଁ। ଏହାକୁ ସୁରକ୍ଷିତ ପାଇଁ ଫ୍ରିଜର ଆବଶ୍ୟକତା ନଥାଏ । କେତେକ ଗୃହିଣୀ କାଟିଲା ବେଳେ ଆଖିରୁ ଲୁହ ବାହାରିବନି ବୋଲି ଜାଣି ପିଆଜକୁ ଫ୍ରିଜରେ ରଖନ୍ତି । ପିଆଜ ଫ୍ରିଜରେ ରହିଲେ ଶୀଘ୍ର ପଚିବାର ସମ୍ଭାବନା ରହିଛି । ପିଆଜ ରହୁଥିବା ଫ୍ରିଜରୁ ଦୁର୍ଗନ୍ଧ ହୁଏ । କାକୁଡ଼ିକୁ ଫ୍ରିଜରେ ରଖିଲେ ଏଥିରେ ଥିବା ଆଣ୍ଟିଅକ୍ସିଡ଼େଣ୍ଟ ନଷ୍ଟ ହୋଇଥାଏ । ମହୁକୁ ଫ୍ରିଜରେ ରହିଲେ ଏହା ଦାନା ବାନ୍ଧି ଯାଏ । ସ୍ୱାଦ ବଦଳିଯାଏ ।ରଙ୍ଗରେ ପରିବର୍ତ୍ତନ ଘଟିଥାଏ । ଆଳୁକୁ ଫ୍ରିଜରେ ରଖିଲେ ଏହାର ସ୍ୱାଦ ମିଠା ହୋଇଥାଏ ଏବଂ ପଚିଯାଏ । ଏହା ପାଖରେ ଥିବା ଅନ୍ୟ ଫଳ ଓ ପରିବାକୁ ନଷ୍ଟ କରିଦିଏ । କଫିକୁ କେବେ ବି ଫ୍ରିଜରେ ରଖନ୍ତୁ ନାହିଁ। ସ୍ୱାଦ ଓ ସୁଗନ୍ଧ ବଦଳିଯିବ ।



## ଐତିହାସିକ କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର


ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି



ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ । ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିଷ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ□ ବିଭାଗ ମଧ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ଯ ବାବାଙ୍କୁ ଭସ୍ମ ଆରତୀ ମଧ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ ।ବାବା ଧବଳେଶ୍ୱର ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ କରୁଥିବା ବିଶ୍ୱାସ ରହିଆସିଛି । ପ୍ରତିଦିନ ଏଠାରେ କେହି ନା କେହି ଜଳାଭିଷେକ, ରୁଦ୍ରାଭିଷେକ କରି ନିଜ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

## ଆଖି ମାଂସପେଶୀକୁ ସଙ୍କୁଚିତ କରୁଛି ଲ୍ୟାପଟପ


ଆଜିକାଲି ଆମେ ଦିନକୁ ୧୦-୧୨ ଘଣ୍ଟା କମ୍ପ୍ୟୁଟର, ଲ୍ୟାପଟପ, ଟିଭି କିମ୍ବା ମୋବାଇଲ ସ୍କ୍ରିନ୍ ସାମ୍ନାରେ ସମୟ ବିତାଉଛୁ । ଏଗୁଡ଼ିକର ସ୍କ୍ରିନ୍ ଆମ ଆଖି ଉପରେ କିଭଳି ପ୍ରଭାବ ପକାଏ। ଏକ ସଦ୍ୟ ଅଧ୍ୟୟନ ତାହା ଖୁଲାସା କରିଛି ଯ ବ୍ରିଟେନର ବ୍ରାଡ୍ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀମା ଘୋରବାନି କହିଛନ୍ତି, ଅଫିସ୍ ମିଟିଂ ହେଉ ବା ଅନଲାଇନ୍ ଅଧ୍ୟୟନ, ଲ୍ୟାପଟପ ସମସ୍ତଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । କିନ୍ତୁ ଏହା ଦ୍ୱାରା ଆଖିକୁ ବହୁତ କ୍ଷତି ପହଞ୍ଚୁଛି । ଅର୍ଥାତ ପାଖ ବସ୍ତୁ ତୁଳନାରେ ଦୂର ବସ୍ତୁ ଆମକୁ ସ୍ପଷ୍ଟ ଦେଖାଯାଏ । ଆମ ଆଖି ଉପଯୁକ୍ତ ଦୃଶ୍ୟ ପାଇବା ଲାଗି ଭିଜୁଆଲ ଏନ୍ଭିରନମେଣ୍ଟ ଓ ଜେନେଟିକ୍ ସିଗ୍ନାଲ ଉପରେ ପ୍ରତିକ୍ରିୟା କରେ । ତେବେ ମାୟୋପିୟା ପୀଡ଼ିତ ବ୍ୟକ୍ତିଙ୍କ ଆଖି କୌଣସି ପ୍ରକାର ଅନୁକୂଳିତ



ହୋଇପାରେ ନାହିଁ । ସେମାନଙ୍କ ଆଖିର ଲେନ୍ସ ଓ ରେଟିନା ମଧ୍ୟରେ ଦୂରତା ବଢ଼ିଚାଲେ । ଉପରୋକ୍ତ ଗ୍ୟାଜେଟେରସମୟ ବିତାଇବା ଦ୍ୱାରା ଏହି ଦୂରତା ଆହୁରି ବଢ଼ିପାରେ । ଯେତେବେଳେ ଆମେ କୌଣସି ବସ୍ତୁକୁ ପାଖରୁ ଦେଖୁ, ନ୍ୱର ଆକାର ଅନୁସାରେ ଅନୁକୂଳିତ ହେଉଥିବା ସିଲିଅରି ମାଂସପେଶୀ ସଙ୍କୁଚିତ ହୁଏ । ଏହା ଦ୍ୱାରା ଲେନ୍ସର ଆକାର ଅଧିକ ଗୋଲାକାର ହୁଏ । କୌଣସି ବସ୍ତୁରେ ଫୋକସ୍ କରିବାରେ ଏହା ରେଟିନାକୁ ସାହାଯ୍ୟ କରେ ଯସରଳ ଭାଷାରେ କହିଲେ, ସିଲିଅରି ମାଂସପେଶୀ ଉପରେ ଅଧିକ ଚାପ ପଡ଼ିବା ଦ୍ୱାରା ତାହା ପ୍ରସାରିତ ହୁଏ । ଫଳରେ ଲେନ୍ସକୁ ପୁଣି ସମତଳ ଆକାର ଦେବାର ଆଖିର କ୍ଷମତା ଦୁର୍ବଳ ହୋଇଥାଏ । ଏହା ଦ୍ୱାରା ଆଖି ଡୋଳା ମଧ ବଢ଼ିବାକୁ ଲାଗେ । ଫଳରେ ତା'ର ସଂରଚନା ଓ ରେଟିନା ଉପରେ ଆଲୋକ କେନ୍ଦ୍ରିତ କରିବାର କ୍ଷମତାରେ ସ୍ଥାୟୀ ପରିବର୍ତ୍ତନ ହୋଇପାରେ ।ବର୍ଦ୍ଧିତ ଆଖି ଡୋଳାରେ ଦୂର ବସ୍ତୁକୁ ଦେଖିବା ଦ୍ୱାରା ଫୋକସ୍ ରେଟିନାର ସାମ୍ନାରେ ଥାଏ, ଫଳରେ ବସ୍ତୁତ ଝାପ୍ସା ଦିଶେ । କମ୍ପ୍ୟୁଟର ଓ ମୋବାଇଲ ସ୍କ୍ରିନ୍ରେ ଘଣ୍ଟା ଘଣ୍ଟା ଧରି କାମ କରିବା ଦ୍ୱାରା ଆଖି ଉପରେ ପଡୁଥିବା ଚାପରୁ ରକ୍ଷା ପାଇବା ଲାଗି ନୀଳ ଆଲୋକକୁ ଫିଲ୍ଟର କରୁଥିବା ଚଷମାର ଚାହିଦା ବଢ଼ିଛି । କିନ୍ତୁ ଏହାର ବୈଜ୍ଞାନିକ ପ୍ରମାଣ ମିଳି ନାହିଁ ।ବୈଜ୍ଞାନିକଙ୍କ ଅନୁସାରେ, ଏ ପ୍ରକାର ଚଷମା ଆଖିକୁ ଚାପମୁକ୍ତ କରେ ନାହିଁ । ବିଶେଷଜ୍ଞମାନେ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପଛରେ ନୀଳ ରଶ୍ମିକୁ କାରଣ ବୋଲି ମାନୁନାହାନ୍ତି । ଦୀର୍ଘ ସମୟ ଧରି କମ୍ପ୍ୟୁଟର ବା ଲ୍ୟାପ୍ଟପ୍ ସାମ୍ନାରେ ବସିବା ପରେ ମୁଣ୍ଡବିନ୍ଧା, ଧୂଆଁଳିଆ ଦିଶିବା, ଆଖି ଜଳାପୋଡ଼ା ଭଳି ସମସ୍ୟା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ଯ ଗବେଷଣାରୁ ଜଣାପଡ଼ିଛି, ଅନ୍ୟ ସାଧାରଣ ଚଷମା ତୁଳନାରେ ନୀଳ ରଶ୍ମିକୁ ଫିଲ୍ଟର କରୁଥିବା ଚଷମାରେ କୌଣସି ଅତିରିକ୍ତସୁବିଧା ନାହିଁ । ଏହା ଦ୍ୱାରା ଆଖି ଜଳାପୋଡ଼ା ଓ ଥକାପଣ କମେ ନାହିଁ କିମ୍ବା ଦୃଷ୍ଟିଶକ୍ତିରେ ମଧ ଏହା ସୁଧାର ଆଣେ ନାହିଁ । ତେଣୁ ଆପଣ ଯଦି ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟରେ, ଲ୍ୟାପଟପ ବା ମୋବାଇଲ ସାମ୍ନାରେ ବସୁଛନ୍ତି, ତେବେ ଚକ୍ଷୁ ସମସ୍ୟା ଲାଗି ରହିବ, ଯାହା ଚଷମା ବ୍ୟବହାର ଦ୍ୱାରା କମିବ ନାହିଁ ।

## ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ



ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ । ମହାବୀର ହନୁମାନ ଏବଂ ତାଙ୍କର ପୁରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ
ତୁମେ କ'ଣ କରୁଛି
ଗୁଣ୍ଡୁଚି ମୂଷାଟି
ଭଗବାନ ରାମଙ୍କୁ
ପ୍ରଣାମ କଲା ଏବଂ
କହିଲା -
ମହାବଳୀ ହନୁମାନ
ହନୁମାନ ତାଙ୍କର
ପୂରା ବାନର
ସେନା ବଡ଼ ବଡ଼
ପଥରରେ ଏହି
ପୋଲର ନିର୍ମାଣ
କରୁଛନ୍ତି । କିନ୍ତୁ ମୁଁ
ଛୋଟ ଗୁଣ୍ଡୁଚି
ମୂଷାଟିଏ । ତେଣୁ
ମୋଦ୍ୱାରା ଯାହା
ସମ୍ଭବ ତାହା ମୁଁ
କରୁଛି । ଏହି
କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି । ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।

# ମାଗଣା ଯୋଜନାର ପରିଣତି

ସରକାର ଲାଭ କ୍ଷତିର ହିସାବ ନରଖି କେବଳ ଲୋକକଲ୍ୟାଣକୁ ଗରିତ୍ୱ ଦିଅନ୍ତି। ସେଥିପାଇଁ ଲୋକେ ଟିକସ ଦିଅନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଜନକଲ୍ୟାଣ ଅର୍ଥ ନୁହେଁ ଯେ, ଲୋକଙ୍କୁ ମାଗଣା ସେବା ଏବଂ ସାମଗ୍ରୀ ଯୋଗାଇ ଦିଆଯିବ। କିନ୍ତୁ ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୂପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତ, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା। ଥରେ ଲୋକଙ୍କୁ ମାଗଣା ମିଳିଲେ ସେମାନେ ସବୁ ବେଳେ ଏହା ପାଇବାକୁ ଚାହିଁବ। ଏହାକୁ ଯିଏ ପ୍ରତ୍ୟାହାର କରିବ ସେ କ୍ଷମତାଚ୍ୟୁତ ହେବ। କିନ୍ତୁ ମାଗଣା ବଣ୍ଟନ ଦ୍ୱାରା ଦେଶରେ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ ବେଳେ ଏଭଳି ମନ୍ତବ୍ୟ ଦେଇଛନ୍ତି। ମାଗଣା ବଣ୍ଟନ ଦ୍ୱାରା ରାଜକୋଷ ଶୂନ୍ୟ ହୋଇଯାଉଛି।

# ସଂକ୍ରାମକ ହେପାଟାଇଟିସ୍

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

"
ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ । ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ । ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି ।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ। ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ। ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର। ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାର୍ସିନୋମା ବା ଯକୃତ କର୍କଟ ଦେଖାଦେଉଛି। ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି। ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ।

ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ 'ବି'ର ବାହକ ସାଧାରଣତଃ କମ୍ (୦.୧-୨%)। ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ। ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ ଅଟନ୍ତି।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା

॥ ଗୋପାଳ ମହାପାତ୍ର ॥

ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମ୍ଭରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅ୍ଧୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମ୍ଭରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୁରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମ୍ଭ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ'ଣ ରୋଗକୁ ଆମନ୍ତ୍ରଣ କରୁଛେ ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମ୍ଭ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ 'ଷ୍ଟ୍ରିଟ୍ ଫୁଡ୍' ମ୍ଭ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ ।

ଭାରତରେ ମଧୁମେହ, ଏଞ୍ଜାଇଟି ଡିଜ୍‌ଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମ୍ଭ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମ୍ଭ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପଞ୍ଜାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମ୍ଭ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମ୍ଭରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ । ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏ୍ ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମ୍ଭରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମ୍ଭରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମ୍ଭ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମ୍ଭ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମ୍ଭ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।

ରାମଚନ୍ଦ୍ରପୁର, ରଣପୁର, ମୋ.- ୯୪୩୮୪୮୫୦୯୪

# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

॥ ଡକ୍ଟର ରାଜକିଶୋର ମିଶ୍ର ॥

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





# ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

ମାଲକାନଗିରି, (ମହାଭାରତ) : ଆସନ୍ତା ଏପ୍ରିଲ ୧ ତାରିଖରେ ଜିଲ୍ଲା ସ୍ତରୀୟ 'ଓଡ଼ିଶା ଦିବସ'କୁ ମହାସମାରୋହରେ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ, ଓଡ଼ିଶା ଦିବସ



ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହରରେ ଉକ୍ତ ଦିନ ଏକ ପ୍ରଭାତଫେରି ଆୟୋଜନ କରାଯିବ। ଏହି ଦିବସରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ସେହିପରି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବା ପାଇଁ ସ୍ଥିର ହୋଇଛି। ଏଥି ସହିତ ଏକ ସାଧାରଣ ସଭା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ସଭାରେ ପୁରସ୍କୃତ କରାଯିବ। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରିବାକୁ ବୈଠକରେ ସୂଚନା ଦିଆଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ବୈଠକର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପୂର୍ବ ବର୍ଷର ବିବରଣୀ ପାଠ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ଏସିଏଫ୍ ମନସୁନ୍ ଖେମୁଣ୍ଡୁଙ୍କ ସମେତ ଜିଲ୍ଲାର ସମସ୍ତ କଲେଜ ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭାଗୀୟ କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ବୈଠକ ଆୟୋଜନରେ ସହଯୋଗ କରିଥିଲେ।

## ପାରାଦୀପରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ) : ଦୁର୍ଘଟଣା ପ୍ରବଣ ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ଦୈନନ୍ଦିନ ରାସ୍ତାରେ ପ୍ରାୟ ନିୟମିତ ବିଭିନ୍ନ ଦୁର୍ଘଟଣାରେ ଅନେକ କ୍ଷତାହତ ହେଉଥିବା ବେଳେ ବହୁ ନିରୀହ ଜୀବନ ଅକାଳରେ ଝଡି ଯାଉଛି। ଦୁଇଦିନ ତଳେ ପାରାଦୀପ ରାଜରାସ୍ତା ରେ ସଡ଼କ ଦୁର୍ଘଟଣା ରେ ଚାଲିଯାଇଛି ଜଣେ ଯୁବ ସାମ୍ବାଦିକ ଙ୍କ ଜୀବନ । ଯାହାକୁ ନେଇ ବନ୍ଦର ନଗରୀ ପାରାଦୀପ ରେ ଏକପ୍ରକାର ଶୋକର ଛାୟା ଖେଳିଯାଇଥିବା ବେଳେ ବୁଧବାର ଦିନ ଜଗତସିଂହପୁର ପରିବହନ ବିଭାଗ ର ଅଧିକାରୀ ମାନଙ୍କ ସହିତ ପାରାଦୀପ ର ବିଭିନ୍ନ ସାମାଜିକ ସଂଗଠନ, ଦେବଦୁତ ସଡ଼କ ସୁରକ୍ଷା ବାହିନୀ ଓ ପାରାଦୀପ ଆଦର୍ଶ ଥାନା ପୋଲିସ ର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଇକ ଚାଳକ ଓ କାର ଚାଳକ ମାନଙ୍କୁ ମିଠା ଖୁଆଇ, ଗୋଲାପ ଫୁଲ ପ୍ରଦାନ କରି ଟ୍ରାଫିକ ନିୟମ ପାଳନ କରି ଗାଡି ଚାଳନା ପାଇଁ ପରାମର୍ଶ ଦିଆଯିବା ସହ ହେଲମେଟ ଓ ସିଟବେଲ୍ଟ ପରିଧାନ କରିବାକୁ ସଚେତନ କରୁଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ପରିବହନ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ, ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ଙ୍କ ସହିତ ଏକାଧିକ ଥାନା ଅଧିକାରୀ ଓ କର୍ମଚାରୀ, ନୀଳଚକ୍ର ଯୁଥ କ୍ଲବ ଓ ଦେବଦୁତ ସଡ଼କ ସୁରକ୍ଷା ବାହିନୀ ର ସଭାପତି ପଙ୍କଜ ତରାଇ ଓ ସମସ୍ତ ସଦସ୍ୟ ମାନେ ଯୋଗଦେଇ କାର ଚାଳକ ଓ ବାଇକ ଚାଳକ ମାନଙ୍କୁ ସଚେତନ କରାଇଥିଲେ।

## ଗୋଟିଏ ଦିନରେ ୫୦ଟି ତାପଜ କୋଇଲା ବଗି ଖଲାସ କରି ପାରାଦୀପ ବନ୍ଦରର ନୂତନ କୀର୍ତ୍ତିମାନ ସ୍ଥାପନ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ଗୋଟିଏ ଦିନରେ ସର୍ବାଧିକ ୫୦ ଟି ତାପଜ କୋଇଲା ରେଳ ରେକ ବା ବଗି ଖଲାସ କରି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିବା ସହ ନିଜର କାର୍ଯ୍ୟଦକ୍ଷତାରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୫ ମାର୍ଚ୍ଚ, ୨୦୨୬ ରେ,ପାରାଦୀପ ବନ୍ଦର ସଫଳତାର ସହ ୫୦ଟି ରେକ୍ ଅନଲୋଡ୍ କରିଥିଲା, ଯେଉଁଥିରେ ୪୩ଟି ବିଓବିଆରଏନ (ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ) ଏବଂ ୭ଟି ବିଓଏକ୍ସଏନ (ବଗି ଓପନ୍ ହାଇ ସାଇଡେଡ୍) ରେକ୍ ଅନ୍ତର୍ଭୁକ୍ତ ଥିଲା। ଏହି ସଫଳତା ବନ୍ଦରର ଦକ୍ଷତା, ସୁଗମ ସମନ୍ୱୟ ଏବଂ ଦୃଢ଼ ଭିତ୍ତିଭୂମି ଉପରେ ଲକ୍ଷ୍ୟ କୁ ପ୍ରତିଫଳିତ କରିଛି ଯାହା କଠିନ ସମୟସୀମା ମଧ୍ୟରେ ଉଚ୍ଚ-ମାର୍ଗର ପଣ୍ୟ ପରିଚାଳନାକୁ ସକ୍ଷମ କରିଥାଏ। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ଟିମ ର ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରଶଂସା କରି କହିଥିଲେ ଯେ ଏପରି ମାଇଲଖୁଣ୍ଟ ଗୁଡ଼ିକ ସୁନିଶ୍ଚିତ ଯୋଜନା, ଉନ୍ନତ ପରିବର୍ତ୍ତନ ସମୟ ଏବଂ କାର୍ଯ୍ୟଗୁଡ଼ିକରେ ନିରନ୍ତର ପ୍ରକ୍ରିୟା ଅନୁକୂଳତମ ର ଫଳାଫଳ। ଏହି ସଫଳତା ତାପଜ କୋଇଲାର ଦ୍ରୁତ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଭାରତର ଶକ୍ତି ଯୋଗାଣ ଶୃଙ୍ଖଳକୁ ସମର୍ଥନ କରିବାରେ ପାରାଦୀପ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆହୁରି ସୁଦୃଢ଼ କରିଛି ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ। ପାରାଦୀପ ବନ୍ଦର ପ୍ରାଧିକରଣ ଭାରତର ପ୍ରମୁଖ ବନ୍ଦର ମଧ୍ୟରୁ ଗୋଟିଏ, ଯାହା ଦକ୍ଷ ଏବଂ ବଡ଼ ଧରଣର କାର୍ଯ୍ୟ ମାଧ୍ୟମରେ ସାମୁଦ୍ରିକ ବାଣିଜ୍ୟକୁ ସୁଗମ କରିବା ଏବଂ ଦେଶର ଶିଳ୍ପ ଏବଂ ଶକ୍ତି ଇକୋସିଷ୍ଟମକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## କାଳିମେଳା ଆଶ୍ରମ ବିଦ୍ୟାଳୟରେ ଚତୁର୍ଥ ବାର୍ଷିକ ଉତ୍ସବ

କାଳିମେଳା, (ମହାଭାରତ) : କାଳିମେଳା ସଦର ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦୀପଙ୍କର ମଣ୍ଡଳ ଙ୍କ ନେତୃତ୍ୱ ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁବାସିନୀ ସୋଡି. ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ନାୟକ.ସଂମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୋମ୍ୟରଞ୍ଜନ ନାୟକ, ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, ବିଦ୍ୟାଳୟ ସଭାପତି ଭଗବାନ ହ୍ୱନ୍ତାଳ, ସି ଆର ସିସି ଅସୀମ ପାଲ, ଅକ୍ଷୟ ପଣ୍ଡା, ଶିକ୍ଷାବିତ. ଶିକ୍ଷକ ଦେବାନନ୍ଦ ବୈରାଗୀ. ନବ ମାଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ କୁନି କୁନି ଛାତ୍ରୀ ମାନେ ନୃତ୍ୟ ମାଧ୍ୟମ ରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ମୁଖ୍ୟ ଅତିଥି ଶ୍ରୀମତୀ ସୋଡି ଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ.ବାର୍ଷିକ ବିବରଣୀ ପ୍ରଧାନ ଶିକ୍ଷକ ଶ୍ରୀ ମଣ୍ଡଳ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କୁ ମନ ଦେଇ ପାଠ ପଢିବା ପାଇଁ ମଞ୍ଚା ସୀନ ଅତିଥି ଉତ୍ସା ଇତ କରିବା ସହ ଥିଲେ । ବାର୍ଷିକ ଉତ୍ସବ ପାଇଁ ଶିକ୍ଷା ଅନୁଷ୍ଠାନ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତ ବର୍ଗ ର କର୍ମଚାରୀ ମାନେ ସହଯୋଗ କରିଥିଲେ। କୁନି କୁନି ଛାତ୍ର ଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ମାନେ ନିଜ ପିଲା ମାନଙ୍କ କଳା ଦେଖି ଖୁସି ହୋଉ ଥିଲେ. ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନେ ବୋହୁ ଆନନ୍ଦିତ ହୋଇ ଥିବା ଦେଖିବାକୁ ମିଳିଛି ।

## ଜିନ୍ଦଲ ପବ୍ଲିକ ସ୍କୁଲକୁ ବେଷ୍ଟ ସ୍କୁଲ ଆୱାର୍ଡ

ଯୋଡ଼ା/ବଡ଼ବିଲ, (ମହାଭାରତ): ବଡ଼ବିଲ ସ୍ଥିତ ଜିନ୍ଦଲ ପବ୍ଲିକ ସ୍କୁଲକୁ ଏଡୁକନେକ୍ସଇନ ପକ୍ଷରୁ ବେଷ୍ଟ ସ୍କୁଲ ଆୱାର୍ଡ – ୨୦୨୫–୨୬ ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲାର ୨,୦୭୧ ସ୍କୁଲ ମଧ୍ୟରୁ ଏହି



ଗୌରବମୟ ପୁରସ୍କାର ପାଇବାକୁ ଜିନ୍ଦଲ ପବ୍ଲିକ ସ୍କୁଲ ମନୋନୀତ ହୋଇଥିଲା। ଏକ ଶାନ୍ତ ପରିବେଶରେ ଅବସ୍ଥିତ ଜିନ୍ଦଲ ପବ୍ଲିକ ସ୍କୁଲ ଏହାର ପ୍ରତିଷ୍ଠାଠାରୁ ନିରନ୍ତର ଭାବେ ଶିକ୍ଷାର ଗୁଣାତ୍ମକ ମାନକୁ ବଜାୟ ରଖି ଆସିଛି। ଏହି ସ୍କୁଲର ଛାତ୍ରଛାତ୍ରୀ କ୍ରମାଗତ ଭାବେ ଉତ୍ତମ ପ୍ରଦର୍ଶନ କରିଆସୁଛନ୍ତି। ଶତପ୍ରତିଶତ ସଫଳତା ପାଇଁ ଏହି ସ୍କୁଲରେ ପଢ଼ିବାକୁ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ବେଶୀ ଆଗ୍ରହୀ ହେଉଛନ୍ତି। ଏହି ପୁରସ୍କାର ଉତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପ୍ରତି ଜିନ୍ଦଲ ସ୍କୁଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ଜିନ୍ଦଲ ଷ୍ଟିଲ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିକର ବିକାଶକୁ ପ୍ରାଧାନ୍ୟ ଦିଆଯାଇଆସୁଛି।

## ଉଦ୍ୟୋଗି ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲା ଶିଳ୍ପ କେନ୍ଦ୍ର ସମ୍ମିଳନୀ କକ୍ଷ ଠାରେ ଉଦ୍ୟୋଗି ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି।ଏହି କାର୍ଯ୍ୟକ୍ରମରେ ଖାଦ୍ୟ ନିରୀକ୍ଷକ ଅଧିକାରୀ ତପସ୍ୱିନୀବେହେରା ଭାରପ୍ରାପ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ବିଭୁ ସ୍ୱାଇଁ ଟ୍ରେନର ଭାବେ ନଥିଏଲ ପରିଚ୍ଛା, ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ମାର୍ଚ୍ଚ ୧୮ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ତାଲିମ ପ୍ରଦାନ



କରାଯାଇଛି। ସେମାନେ ଏହି ଠାରୁ ତାଲିମ ନେଇ ଆଗାମୀ ଦିନରେ ଜଣେ ଜଣେ ଉଦ୍ୟୋଗୀ ହେବେ ନିଜେ ସ୍ୱାବଲମ୍ବି ହେବା ସହ ଅନ୍ୟ ମାନଙ୍କୁ ମଧ୍ୟ ସ୍ୱାବଲମ୍ବୀ ହେବାରେ ସହାୟକ ହୋଇ ପାରିବେ ଏହି ତାଲିମର ମୂଳ ଲକ୍ଷ୍ୟ।ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶିକ୍ଷିତ ଯୁବକ ଯୁବତୀ ମାନେ ଆସି ତାଲିମ ନେଉଛନ୍ତି। ତାଲିମ ଦେବା ସକାଶେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ତାଲିମ ପ୍ରଦାନ କରୁଛନ୍ତି ।

## କାଶିନିପଦରରେ ଭକ୍ତିମୟ ପରିବେଶ: ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ବରୁ ଭବ୍ୟ କଳସୀ ଯାତ୍ରା

କନ୍ଧମାଳ, (ମହାଭାରତ) : କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କାଶିନିପଦର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଷ୍ଟ ପ୍ରହର ନାମଯଜ୍ଞ ଅବସରରେ ଆଜି ଭବ୍ୟ ଓ ଆନନ୍ଦମୟ ପରିବେଶରେ କଳସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ପରିବେଶ ଭକ୍ତିରସରେ ଭିଜିଯାଇଥିବା ବେଳେ ଶଙ୍ଖ, ଘଣ୍ଟା ଓ ବାଜା ବାଦ୍ୟର ଧ୍ୱନୀ ସମଗ୍ର ଅଞ୍ଚଳକୁ ଆଧାତ୍ମିକ ମାହୋଲରେ ମୁଗ୍ଧ କରିଦେଇଥିଲା। ଗୁରୁବାର ଦିନ ଅପରାହ୍ନ ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଭକ୍ତଜନ ଏକତ୍ରିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ବରେବାଟା କଟିଣି ଜୁର ଜଳାଶୟ ନିକଟକୁ ପ୍ରସ୍ଥାନ କରିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପବିତ୍ର ଜଳ କଳସୀରେ ଉଠାଇ ଶୋଭାଯାତ୍ରା ମାଧ୍ୟମରେ କୁଞ୍ଜ ମଣ୍ଡପକୁ ଆଣାଯାଇଥିଲା। ମହିଳାମାନେ ମୁଣ୍ଡରେ କଳସୀ ବୋହି ଭକ୍ତିଗୀତ ଓ ହରିନାମ ସଙ୍କୀର୍ତ୍ତନରେ ମଗ୍ନ ହୋଇ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲେ। ପରେ ବିଧିବତ୍ ଭାବେ କଳସୀ ସ୍ଥାପନ କରାଯାଇ ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। କମିଟି ପକ୍ଷରୁ



ମିଳିଥିବା ସୂଚନା ଅନୁସାରେ ଏହି ଅଷ୍ଟ ପ୍ରହର ନାମଯଜ୍ଞ ଆସନ୍ତା ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଅବିରତ ଭାବେ ଚାଲିବ। ଯଜ୍ଞ ପରିଚାଳନା କମିଟି ସଭାପତି ଶ୍ରୀବୈଷ୍ଣବ କହଁର ଉପସଭାପତି ନକୁଳ ଥାଠି ଙ୍କ ନେତୃତ୍ୱରେ ସମ୍ପାଦକ ହରିଶ୍ଚନ୍ଦ୍ର ସାହୁ, ଉପ ସମ୍ପାଦକ ପ୍ରଫୁଲ୍ଲ କହଁର, କୋଷାଧକ୍ଷ ଡମ୍ବୁରୁଧର କହଁର, ସହ କୋଷାଧକ୍ଷ ଉମା ଚରଣ ଦିଗାଲ ଉପଦେଷ୍ଟା ଅରୁଣ କର୍ଣ୍ଣ, ପାବିନିଖମାରୀ, ସଭାକାନ୍ତ କହଁର, କନେଶ୍ୱର ଦିଗାଲ, କେଶବ ଦିଗାଲ, ଭଲାନାଥ ପ୍ରଧାନ, ରାମେଶ୍ୱର କହଁର, ଭୁବନେଶ୍ୱର ପାତ୍ର, ବଳରାମ କହଁର, ବକୁଳ କହଁର,ବୃଣି ଦିଗାଲ,ଲାଣ୍ଡା କହଁର, ପ୍ରମୋଦ କହଁର,ଜିଲ କହଁର, ସୁବାଷ କହଁର, ରମେଶ କହଁର, ଦାଶରଥି ଦିଗାଲ, ପ୍ରଦିପ କହଁର, ମୃତ୍ୟୁଞ୍ଜୟ ଦିଗାଲ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଯଜ୍ଞର ସୁଚାରୁ ପରିଚାଳନାରେ ସକ୍ରିୟ ଭୂମିକା ନିଭାଉଛନ୍ତି। ଏହି ଅବସରରେ ଅଞ୍ଚଳର ପ୍ରାୟ ୫୦୦ରୁ ଅଧିକ ବାପା, ମାଆ, ଗୁରୁଜନ, ଭାଇ-ଭଉଣୀମାନେ ଅଂଶଗ୍ରହଣ କରି ଗ୍ରାମ୍ୟ ଏକତା ଓ ଧାର୍ମିକ ଆସ୍ଥାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ। ସମଗ୍ର କାଶିନିପଦର ପଞ୍ଚାୟତ ଏବେ ଭକ୍ତିମୟ ପରିବେଶରେ ମହିମାମୟ ହୋଇଉଠିଛି।

## ଗ୍ରାମୀଣ ମହୋତ୍ସବ ୨୦୨୬ ପାଇଁ ପ୍ରସ୍ତୁତି ବୈଠକ



ନିଆଳୀ, (ମହାଭାରତ) : ନିଆଳୀ ତଥା ଓଡିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ୨୦ ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ୱତନ୍ତ୍ର ଭାବେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଗ୍ରାମୀଣ ମହୋତ୍ସବ ୨୦୨୬ ଅନୁଷ୍ଠିତ ହେବା । ଏଥିପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ନିର୍ଦ୍ଦେଶକ ତଥା ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ଚରଣ ମଲ୍ଲିକ ସୁପୁତ୍ର କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ଯୁବ ନେତା ସୂର୍ଯ୍ୟକାନ୍ତ ମଲ୍ଲିକ, ବିଶ୍ୱମ୍ବର ସେନାପତି ଉପାଧ୍ୟକ୍ଷ ଅବିନାଶ ମହାପାତ୍ର ଉପସଭାପତି ତଥା ସାମ୍ବାଦିକ ଦ୍ୱିଜବର ମହାପାତ୍ର, କୋଷାଧକ୍ଷ ହେମନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇ ମହୋତ୍ସବ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ଚରଣ ମଲ୍ଲିକ ସେବା ସମ୍ମାନ, ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ ଏବଂ ସେବା ସମ୍ମାନ, ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ଜ୍ଞାନ ଜ୍ୟୋତି ସମ୍ମାନ, ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ପ୍ରଧାନ ସେବା ସମ୍ମାନ, ପ୍ରତିମା ସାହୁ ସେବା ସମ୍ମାନ ନିଆଳୀ ଅଞ୍ଚଳର ନାରୀ ସ୍ୱାଧୀନତା ସଂଗ୍ରାମୀ ହାରାମଣି କାନୁନଗୋ ସେବା ସମ୍ମାନ, ସହିଦ ରଜନୀ କାନ୍ତ ଯୁବ ପ୍ରତିଭା ସମ୍ମାନ ସହ ଗ୍ରାମୀଣ ସେବା ଜ୍ୟୋତି ସମ୍ମାନ, ନାରଦ ଶ୍ରୀ ସମ୍ମାନ, ଶିକ୍ଷା ଜ୍ୟୋତି ସମ୍ମାନ, କଳାଶ୍ରୀ ସମ୍ମାନ, ପାଲାଶ୍ରୀ ସମ୍ମାନ, ଏବଂ ନିଆଳୀ ଗୌରବ ସମ୍ମାନ ଭଳି ବିଭିନ୍ନ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ସହ ତିନି ଦିନ ବ୍ୟାପି ଗାନ୍ଧୀ ଯୁବ ଶିବିର ଆୟୋଜନ କରାଯିବ ଏଥିରେ ବିଭିନ୍ନ ମହାବିଦ୍ୟାଳୟ ରୁ ୧୦୦ ଛାତ୍ର ଛାତ୍ରୀ ମାନେ ଭାଗ ନେବେ ଏହି ମହୋତ୍ସବ ରେ ଓଡ଼ିଶାର ନାମିଦାମୀ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା ।

## ବେଆଇନ ମାଟି ଇଟାଭାଟି ଭାଙ୍ଗିଲା ଜିଲ୍ଲା ପ୍ରଶାସନ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଢି ଉଠି ଥିବା ବେଆଇନ ମାଟି ଇଟାଭାଟି ଗୁଡିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନଷ୍ଟ କରି ଦିଆଯାଇଛି। ଧୂଆଁମୟ ପରିବେଶର ପ୍ରଭାବରେ ଗଜପତି ଜିଲ୍ଲା ପ୍ରଦୂଷିତ ହେଉଥିଲା।ତାପମାତ୍ରା ବୃଦ୍ଧି ସାଙ୍ଗକୁ ଇଟାଭାଟି ପୋଡିବା ଦ୍ୱାରା ସେଥିରୁ ବାହାରୁ ଥିବା ପ୍ରଦୂଷିତ ଧୂଆଁ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସାଙ୍ଗକୁ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହେଉଥିଲା। ପ୍ରତି ବର୍ଷ ଭଳି ଏହି ବର୍ଷ ମଧ ଏକ ସପ୍ତାହ ପୂର୍ବରୁ ରାଜସ୍ୱ ବିଭାଗ ,ଖଣି ବିଭାଗ ପୋଲିସ ବିଭାଗ ପକ୍ଷରୁ ମିଳିତ ଉଦ୍ୟମରେ କାଶୀନଗର ବ୍ଲକର ଖାଣ୍ଡବା, ସାରା, ବାଡ଼ି ଗାଁ ନୂଆ ସାରା ପ୍ରଭୃତି ଅଞ୍ଚଳରେ ଥିବା ବେଆଇନ ମାଟି ଇଟାଭାଟିଗୁଡିକୁ ନଷ୍ଟ କରାଯିବା ସହ ପେନାଲ୍ଟି ଆଦାୟ କରାଯାଇଛି।ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ରାଣୀପେଣ୍ଟା। , ମିନି ଗାଁ,ସିଧା ମଡଙ୍ଗ ପ୍ରଭୃତି ସ୍ଥାନରେ ଥିବା ବେଆଇନ ମାଟି ଇଟାଭାଟିକୁ ନଷ୍ଟ କରି ଜୋରିମାନା ଆଦାୟ କରାଯାଇଛି।

# ମନ୍ଦିର ସଂଲଗ୍ନ ଗୃହରେ ମଳ, ମୂତ୍ର ପରୀକ୍ଷାଗାର ତୁରନ୍ତ ବନ୍ଦ କରିବାକୁ ବଣିକ ସଙ୍ଘର ଦାବି

ପାରାଦୀପ, (ମହାଭାରତ) : ପାରାଦୀପର ଅଠରବାଙ୍କୀ ବଜାରରେ ପୂର୍ବରୁ ମା ଦକ୍ଷିଣକାଳୀ ମନ୍ଦିର ନିର୍ମାଣ ପାଇଁ କୈବର୍ତ୍ତ ନେତା ତଥା ପୂର୍ବତନ ଅଠରବାଙ୍କୀ ବଣିକସଙ୍ଘ ର ସଭାପତି ସ୍ୱର୍ଗତ ଶଙ୍ଖନାଦ ବେହେରାଙ୍କ ପ୍ରଚେଷ୍ଟା ରେ ଆରମ୍ଭ ହୋଇଥିଲା । ୨୦୦୭ ମସିହାରେ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ସୁରୁଖୁରୁରେ ମାଙ୍କ ପୂଜାବିଧି ଚାଲୁଥିବା ସମୟରେ ୨୦୧୧ ମସିହାରେ ବଣିକ ସଙ୍ଘରେ ଅନେକ ବିବାଦ ଲାଗି ରହିବା କାରଣରୁ ମା ଦକ୍ଷିଣ କାଳୀ ମନ୍ଦିରକୁ ଦେବୋତ୍ତର ବିଭାଗ ଅଧୀନକୁ ନେବାପାଇଁ ବଣିକସଙ୍ଘ ତରଫରୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ସହିତ ୨୦୧୫ ମସିହା ଠାରୁ ମନ୍ଦିର ର ଟ୍ରଷ୍ଟି ଭାବରେ କୁଜଙ୍ଗ ତହସିଲଦାର କାର୍ଯ୍ୟ କରି ଆସୁଛନ୍ତି । ଏଥି ମଧ୍ୟରେ ଅଦ୍ୟାବଧି ୭ ଜଣ ତହସିଲଦାର ପରିବର୍ତ୍ତନ ହୋଇଥିବା ବେଳେ ଏଥିମଧ୍ୟରୁ ମାତ୍ର ଚାରିଜଣ ତହସିଲଦାର ମନ୍ଦିର ର କାର୍ଯ୍ୟରେ ସହଯୋଗ ର ହାତ ବଢ଼ାଇଛନ୍ତି ।



ତେବେ ବର୍ତ୍ତମାନ ମନ୍ଦିର ର ପୂଜାର୍ଚ୍ଚନା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ମନ୍ଦିର ର କୋଠା ଭାଙ୍ଗିରୁଜି ଗଲାଣି । ଯାହା ଫଳରେ ଏହି ସମସ୍ୟା ର ସମାଧାନ ପାଇଁ ବର୍ତ୍ତମାନର ଟ୍ରଷ୍ଟି (ତହସିଲଦାର, କୁଜଙ୍ଗ)ଙ୍କ ସମେତ ଦେବୋତ୍ତର କମିଶନର, ଜଗତସିଂହପୁର ଜିଲ୍ଲାପାଳ ଏବଂ ଜଗତସିଂହପୁର ସାଂସଦଙ୍କୁ ଅବଗତ କରାଇବା ସହିତ ଦାବିପତ୍ର ପ୍ରଦାନ କରାଯାଇଥିବା ନେଇ କହିଛନ୍ତି ଅଠରବାଙ୍କୀ ବଣିକ ସଙ୍ଘ ର ସଭାପତି ଚିତ୍ତରଞ୍ଜନ ମଲ୍ଲିକ । ଦୀର୍ଘବର୍ଷ ହେବ ମା ଙ୍କ ମନ୍ଦିର ତଳେ ରହିଥିବା ଦୋକାନ ଗୃହ ଗୁଡିକର ଚୁକ୍ତିନାମା ଅବଧି ଶେଷ ହୋଇଥିବା ବେଳେ ଏହାକୁ ନବୀକରଣ କରାଯାଉନାହିଁ । ଏହି ଦୋକାନ ଘର ମଧ୍ୟରେ ବଜାର ର ଜଣେ ବିତ୍ତଶାଳୀ ବ୍ୟବସାୟୀ ନିଜ ଦୋକାନ ଘରକୁ ନୂତନ ଚୁକ୍ତିନାମା ନବୀକରଣ କରିଥିବା ବେଳେ ଅନ୍ୟ ବ୍ୟବସାୟୀ ମାନଙ୍କୁ ବଜାର ର କିଛି କୁଚକ୍ରୀ ଗୋଷ୍ଠୀ ବିଭିନ୍ନ ବିଭ୍ରାନ୍ତିକର ତଥ୍ୟ ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି ବଣିକ ସଙ୍ଘ ର ସଦସ୍ୟ । ମନ୍ଦିର ଭଳି ଦେବାଳୟ ତଳେ ରହିଥିବା କିଛି ପ୍ରାଇଭେଟ ଲ୍ୟାବରେ ମଳ, ମୂତ୍ର, ରକ୍ତ, କଫ, ଭୃଣ ପରୀକ୍ଷା କରାଯାଉଛି । ଯାହା ଶ୍ରଦ୍ଧାଳୁ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଅଶାନ୍ତି ର ବାତାବରଣ ସୃଷ୍ଟି ହୋଇଛି । ଏହି ଲ୍ୟାବ କୁ କିଏ ଓ କେଉଁ ସ୍ୱାର୍ଥରେ ଏଭଳି ଭକ୍ତଙ୍କ ଭାବାବେଗକୁ କୁଠାରଘାତ କରୁଛି ବୋଲି ଅଭିଯୋଗ ଆଣିବା ସହିତ ଏହା ପଛରେ କିଛି ଅସାଧୁ ଓ କୁଚକ୍ରୀ ବ୍ୟକ୍ତିବିଶେଷ ବିଭିନ୍ନ ମହଲରୁ ଚାପ ପ୍ରୟୋଗ କରି ଏହିଭଳି କାର୍ଯ୍ୟ ଚଳାଇଥିବା ଅଭିଯୋଗ ଆଣିଛନ୍ତି । ଏପରିକି ଦୋକାନ ଘର ଗୁଡିକୁ ନବୀକରଣ କରିବା ପାଇଁ ଲୁଚାଛପା ରେ କିଛି ବ୍ୟବସାୟୀ ଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନିଆଯାଇଥିବା ଶୁଣିବାକୁ ମିଳୁଛି । ଗତ କାଳୀପୂଜା ରେ ବର୍ତମାନ ର ଟ୍ରଷ୍ଟି କିଛି ବ୍ୟକ୍ତି ଙ୍କୁ ସାଥିରେ ନେଇ ବଣିକସଙ୍ଘ କୁ ନ ପଚାରି ମାଙ୍କ ପୂଜା କରିଥିଲେ । ଯେହେତୁ ମାଙ୍କ ପୂଜାକୁ ଦୃଷ୍ଟି ରେ ରଖି ବଣିକ ସଙ୍ଘ କିଛି ବିରୋଧ କରି ନଥିଲା, ତେବେ ପରବର୍ତ୍ତୀ ସମୟରେ ମନ୍ଦିରକୁ ଦେବୋତ୍ତର ବିଭାଗ ନ ନେଇ ବ୍ୟକ୍ତିଗତ ଭାବରେ ମନ୍ଦିର ଚଳାଇବାକୁ କିଛି ବ୍ୟବସାୟୀ ଉଦ୍ୟମ କରୁଥିବା ନେଇ ଅଭିଯୋଗ କରିଛି ବଣିକ ସଙ୍ଘ । ମନ୍ଦିର ପୂଜକ ତାଙ୍କର ପ୍ରାପ୍ୟ ସଠିକ ସମୟରେ ପାଇ ପାରୁନାହାନ୍ତି, ମନ୍ଦିରର ଉନ୍ନତି ହୋଇପାରୁନି, ମନ୍ଦିରର ଭଡା ଦୋକାନ ଗୃହରେ ରକ୍ତ, ମଳମୂତ୍ର, ଗର୍ଭ ପରୀକ୍ଷା ଭଳି କାର୍ଯ୍ୟକୁ ବନ୍ଦ କରିବା ସହିତ ଯେଉଁ ସମସ୍ୟା ଗୁଡିକ ଉପସ୍ଥାନ କରାଯାଇଛି। ଏହାର ସମାଧାନ କରିବାକୁ ମନ୍ଦିର ର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ତଥା ତହସିଲଦାରଙ୍କୁ ନିବେଦନ କରିଛନ୍ତି ଅଠରବାଙ୍କୀ ବଣିକସଂଘ । ଯଦି ଏହି ସମସ୍ୟାର ସମାଧାନ କରିବାରେ ବିଳମ୍ବ କରାଯାଏ ତେବେ ଆଗାମୀ ଦିନରେ ବଜାରରେ ଅଶାନ୍ତ ପରିବେଶ ସୃଷ୍ଟି ହେବା ସହିତ ଗୋଷ୍ଠୀକନ୍ଦଳ ସୃଷ୍ଟି ହେବାଭଳି ପରିସ୍ଥିତିକୁ ଏଡାଇ ଦିଆଯାଇ ନ ପାରେ ବୋଲି ଆଶା ବ୍ୟକ୍ତ କରିଛି ବଣିକ ସଙ୍ଘ । ଯଦି ମଳ, ମୂତ୍ର ପରୀକ୍ଷା ଗାର କୁ ତୁରନ୍ତ ବନ୍ଦ କରା ନ ଯାଏ ତେବେ ବାଧ୍ୟ ହୋଇ ସଙ୍ଘ ଆଇନିର ଆଶ୍ରୟ ନେବ ବୋଲି ସଙ୍ଘ ଦରଖାସ୍ତ ମାଧ୍ୟମରେ ଦାବି କରିଛନ୍ତି ।

## .ପାରାଦୀପରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ପାରାଦୀପ (ମହାଭାରତ): ଦୁର୍ଘଟଣା ପ୍ରବଣ ବନ୍ଦର ଓ ଶିଳ୍ପ ସହର ପାରାଦୀପ ରେ ଦୈନନ୍ଦିନ ରାସ୍ତାରେ ପ୍ରାୟ ନିୟମିତ ବିଭିନ୍ନ ଦୁର୍ଘଟଣାରେ ଅନେକ କ୍ଷତାହତ ହେଉଥା ବେଳେ ବହୁ ନିରୀହ ଜୀବନ ଅକାଳରେ ଝଡି ଯାଉଛି । ଦୁଇଦିନ ତଳେ ପାରାଦୀପ ରାଜରାସ୍ତା ରେ ସଡ଼କ ଦୁର୍ଘଟଣା ରେ ଚାଲିଯାଇଛି ଜଣେ ଯୁବ ସାମ୍ବାଦିକ ଙ୍କ ଜୀବନ । ଯାହାକୁ ନେଇ ବନ୍ଦର ନଗରୀ ପାରାଦୀପ ରେ ଏକପ୍ରକାର ଶୋକର ଛାୟା ଖେଳିଯାଇଥିବା ବେଳେ ବୁଧବାର ଦିନ ଜଗତସିଂହପୁର ପରିବହନ ବିଭାଗ ର ଅଧିକାରୀ ମାନଙ୍କ ସହିତ ପାରାଦୀପ ର ବିଭିନ୍ନ ସାମାଜିକ ସଂଗଠନ, ଦେବଦୁତ ସଡ଼କ ସୁରକ୍ଷା ବାହିନୀ ଓ ପାରାଦୀପ ଆଦର୍ଶ ଥାନା ପୋଲିସ ର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଇକ ଚାଳକ ଓ କାର ଚାଳକ ମାନଙ୍କୁ ମିଠା ଖୁଆଇ, ଗୋଲାପ ଫୁଲ ପ୍ରଦାନ କରି ଟ୍ରାଫିକ ନିୟମ ପାଳନ କରି ଗାଡି ଚାଳନା ପାଇଁ ପରାମର୍ଶ ଦିଆଯିବା ସହ ହେଲମେଟ ଓ ସିଟବେଲ୍ଟ ପରିଧାନ କରିବାକୁ ସଚେତନ କରୁଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ପରିବହନ ଅଧିକାରୀ ଙ୍କ ସମେତ ସମସ୍ତ କର୍ମଚାରୀ,ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ଙ୍କ ସହିତ ଏକାଧିକ ଥାନା ଅଧିକାରୀ ଓ କର୍ମଚାରୀ, ନୀଳଚକ୍ର ୟୁଥ କ୍ଲବ ଓ ଦେବଦୁତ ସଡ଼କ ସୁରକ୍ଷା ବାହିନୀ ର ସଭାପତି ପଙ୍କଜ ତରାଇ ଓ ସମସ୍ତ ସଦସ୍ୟ ମାନେ ଯୋଗଦେଇ କାର ଚାଳକ ଓ ବାଇକ ଚାଳକ ମାନଙ୍କୁ ସଚେତନ କରାଇଥିଲେ ।

## ଗ୍ରାମୀଣ ମହୋତ୍ସବ ୨୦୨୬ ପାଇଁ ପ୍ରସ୍ତୁତି ବୈଠକ



ନିଆଳୀ ( ମହାଭାରତ ) ନିଆଳୀ ତଥା ଓଡିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ୨୦ ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ୱତନ୍ତ୍ର ଭାବେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଗ୍ରାମୀଣ ମହୋତ୍ସବ ୨୦୨୬ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ନିର୍ଦ୍ଦେଶକ ତଥା ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ଚରଣ ମଲ୍ଲିକ ସୁପୁତ୍ର କୃଷିବିତ ପ୍ରମୋଦ କୁମାର ମଲ୍ଲିକ, ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ଯୁବ ନେତା ସୂର୍ଯ୍ୟକାନ୍ତ ମଲ୍ଲିକ, ବିଶ୍ୱମ୍ବର ସେନାପତି ଉପାଧ୍ୟକ୍ଷ ଅବିନାଶ ମହାପାତ୍ର ଉପସଭାପତି ତଥା ସାମ୍ବାଦିକ ଦ୍ୱିଜବର ମହାପାତ୍ର,କୋଷାଧ୍ୟକ୍ଷ ହେମନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇ ମହୋତ୍ସବ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ଚରଣ ମଲ୍ଲିକ ସେବା ସମ୍ମାନ, ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ ଏବଂ ସେବା ସମ୍ମାନ, ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ଜ୍ଞାନ ଜ୍ୟୋତି ସମ୍ମାନ, ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ପ୍ରଧାନ ସେବା ସମ୍ମାନ, ପ୍ରତିମା ସାହୁ ସେବା ସମ୍ମାନ ନିଆଳୀ ଅଞ୍ଚଳର ନାରୀ ସ୍ୱାଧୀନତା ସଂଗ୍ରାମୀ ହାରାମଣି କାନୁନଗୋ ସେବା ସମ୍ମାନ, ସହିଦ ରଜନୀ କାନ୍ତ ଯୁବ ପ୍ରତିଭା ସମ୍ମାନ ସହ ଗ୍ରାମୀଣ ସେବା ଜ୍ୟୋତି ସମ୍ମାନ, ନାରଦ ଶ୍ରୀ ସମ୍ମାନ, ଶିକ୍ଷା ଜ୍ୟୋତି ସମ୍ମାନ, କଳାଶ୍ରୀ ସମ୍ମାନ, ପାଲାଶ୍ରୀ ସମ୍ମାନ, ଏବଂ ନିଆଳୀ ଗୌରବ ସମ୍ମାନ ଭଳି ବିଭିନ୍ନ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହା ସହ ତିନି ଦିନ ବ୍ୟାପି ଗାନ୍ଧୀ ଯୁବ ଶିବିର ଆୟୋଜନ କରାଯିବ ଏଥିରେ ବିଭିନ୍ନ ମହାବିଦ୍ୟାଳୟ ରୁ ୧୦୦ ଛାତ୍ର ଛାତ୍ରୀ ମାନେ ଭାଗ ନେବେ ଏହି ମହୋତ୍ସବ ରେ ଓଡ଼ିଶାର ନାମିଦାମୀ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା ।

## ଲିଙ୍ଗରାଜ କ୍ଷେତ୍ରରେ ବ୍ରାହ୍ମଣ ମହାସଂଘ ଓଡ଼ିଶା ପକ୍ଷରୁ ସାମୂହିକ ବ୍ରତୋପନୟନ ଉତ୍ସବ ସମ୍ପନ୍ନ

ଗଣିଆ,(ମହାଭାରତ): ଏକାମ୍ର କ୍ଷେତ୍ରର ପବିତ୍ର ପରିବେଶରେ ଥିବା ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟସ୍ଥ ଡାକର ବିଭୀଷଣ ମନ୍ଦିର ପ୍ରାଙ୍ଗଣରେ ଗତ ବୁଧବାର ଦିନ ଏକ ଭବ୍ୟ 'ଗଣ ବ୍ରତୋପନୟନ' ବା ସାମୂହିକ ବ୍ରତୋଘର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମଣ ମହାସଂଘ ଓଡ଼ିଶାର ପ୍ରତ୍ୟକ୍ଷ ସହଯୋଗ ଓ ତ□ାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ବଟୁ ବୈଦିକ ରୀତିନୀତି ଅନୁଯାୟୀ ବ୍ରତ ଗ୍ରହଣ କରିଛନ୍ତି । ବୁଧବାର ପ୍ରାତଃ ସମୟରୁ ମନ୍ଦିର ପ୍ରାଙ୍ଗଣରେ ହୋମ, ଯଜ୍ଞ ଓ ଶାସ୍ତ୍ରୀୟ ବିଧାନ ଆରମ୍ଭ ହୋଇଥିଲା । ମହାସଂଘର ବରିଷ୍ଠ ପଣ୍ଡିତ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ବଟୁମାନଙ୍କୁ ଗାୟତ୍ରୀ ମନ୍ତ୍ର ଦୀକ୍ଷା ପ୍ରଦାନ କରାଯାଇଥିଲା । ସମାଜର ବିଭିନ୍ନ ବର୍ଗର ପରିବାର, ବିଶେଷ କରି ଯେଉଁମାନେ ବ୍ୟକ୍ତିଗତ ଭାବେ ବ୍ରତୋଘର ଆୟୋଜନ କରିବାକୁ ଅସମର୍ଥ, ସେମାନଙ୍କୁ ଏହି ସାମୂହିକ ଆୟୋଜନ ମାଧ୍ୟମରେ ସଂସ୍କାର ସହ ଯୋଡ଼ିବା ମହାସଂଘର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମହାସଂଘ ର କାର୍ଯକାରୀ ସଭାପତି ପ୍ରସନ୍ନ କୁମାର ଦାଶ କହିଥିଲେ ।



# କେବେ କଟକଣା ଲାଗିବ ରାସ୍ତା ପାର୍ଶ୍ୱରେ ହେଉଥିବା ମାଛମାଂସ ବିକ୍ରି ଉପରେ

ଆସିକା (ମହାଭାରତ): ଆସିକା ପୌର ପରିଷଦ ପରିସରଭୁକ୍ତ ପ୍ରମୁଖ ରାସ୍ତାକଡରେ ବର୍ଷବର୍ଷ ଧରି ଚାଲିଥିବା ଅବାଧ ମାଛମାଂସ ବିକ୍ରିକୁ କେନ୍ଦ୍ର କରି ଖାସ କରି କୋମଳମତି ଛାତ୍ର ଛାତ୍ରୀ ଓ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ବହୁ ଆମିଷ ବ୍ୟବସାୟୀ ସେମାନଙ୍କ ବେପାର ଦିନକୁ ଦିନ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରକାର ଅଭିନ ପନ୍ଥା ଆପଣେଇବା ଦେଖିବାକୁ ମିଳୁଛି । ସହରର ବ୍ୟସ୍ତବହୁଳ ଅଞ୍ଚଳର ରାସ୍ତାକଡରେ ମାଛମାଂସ ବିକ୍ରି ହେବା ଫଳରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ପାଠ ପଢିବା ପାଇଁ ରାସ୍ତାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଟ୍ୟୁସନ୍କୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଥିବା ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । ମାଂସ କାଟିବା ଲାଗି ପୌରପରିଷଦ ପକ୍ଷରୁ ଦୀର୍ଘବର୍ଷ ତଳେ କାଳିମୁଖୀ ସାହିରେ ଏକ



କଂସେଇଖାନା ସ୍ଥାପନ କରାଯାଇଥିଲା ଓ ମାଂସ ବ୍ୟବସାୟୀ ମାନେ ଉକ୍ତ କଂସେଇଖାନାରେ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାଂସକାଟି ୧୫ନଂ ୱାର୍ଡ ଅଧୀନସ୍ଥ ମାଛବଜାର ନିକଟସ୍ଥ ମାର୍କେଟରେ ବିକ୍ରି କରୁଥିଲେ ତେବେ ପୌରପରିଷଦ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଓ ଉଦାସୀନ ମନୋବୃତ୍ତି ଯୋଗୁଁ ଗତ କିଛିବର୍ଷ ହେଲା ମାଂସ କାଟିବା ଲାଗି ଉଦ୍ଦିଷ୍ଟ କଂସେଇଖାନାଟି ଜନମାନସରୁ ଲିଭି ଯାଇଥିଲା ବେଳେ ମାଂସ ବିକ୍ରି ମାର୍କେଟ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାକୁଆସିଯାଇଛି । ଅତୀତରେ ଆସିକା ପୌରପରିଷଦ ପକ୍ଷରୁ ହାଟପଦା ଛକ ନିକଟରେ ଆମିଷ ବିକ୍ରି କରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ପିଣ୍ଡି ସ୍ଥାପନ କରାଯାଇଥିଲେ ମଧ୍ୟ ମାତ୍ର ହାତଗଣତି କିଛି ବ୍ୟବସାୟୀ ସେଠାରେ ବ୍ୟବସାୟ କରୁଥିବା ବେଳେ ବହୁ ବ୍ୟବସାୟୀ ସରକାରୀ ନୀତିନିୟମକୁ ଖୋଲାଖୋଲି ଉଲଂଘନ କରି ସ୍ଥାନୀୟ ପ୍ରଶାସନକୁ ଖାତିର ନକରି ରାସ୍ତାକଡରେ ନିଜର ବେପାର ବଣିଜ କରୁଥିବା ଦେଖିବାକୁ ମିଳୁଛି । ସର୍ବସାଧାରଣଙ୍କ ଯାତାୟାତ ରାସ୍ତାରେ କେତେକ ଆମିଷ ବ୍ୟବସାୟୀ ଛେଳି କୁକୁଡାଙ୍କୁ କାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଝୁଲାଇ ବିକ୍ରି କରୁଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ପ୍ରଶାସନର ନିଘୋଡ ନିଦ୍ରା ନଭାଙ୍ଗିବା ଅନ୍ତରାଳରେ କି ରହସ୍ୟ ରହିଛି ତାହା ତଦନ୍ତ ସାପେକ୍ଷ। ଆସିକା ପୌରପରିଷଦ ପରିସରଭୁକ୍ତ କେତେକ ଅଞ୍ଚଳର ମୁଖ୍ୟରାସ୍ତା ଯଥା ଆସିକା ମେଡିକାଲ ପାର୍ଶ୍ୱ ବାଣୀବିହାର ମୁଖ୍ୟ ରାସ୍ତା, ମେଡିକାଲ ପୁତୁଗେଶ୍ୱର ପଲ୍ଲୀ ବ୍ରିଜ୍ ତଳେ, ଆସିକା ହାଟପଦା ମୁଖ୍ୟ ଛକ, ଜମିୟା ମସଜିଦ ପାର୍ଶ୍ୱରେ ବହୁ ଆମିଷ ବ୍ୟବସାୟୀ ମାଛ, କୁକୁଡା କାଟୁଥିବାରୁ ଏହା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଥିବା ଅଭିଯୋଗ ହେଉଛି ଆସିକା ସହରର ବିଭିନ୍ନ ସାହିବସ୍ତିର ରାସ୍ତାକଡରେ ମାଛମାଂସ ବ୍ୟବସାୟ ଦିନକୁଦିନ ବୃଦ୍ଧି ପାଇ ଚାଲିଥିବା ଅଭିଯୋଗ ହେଉଛି ।ସେହିଭଳି ଅତୀତରେ ମାଂସ ବ୍ୟବସାୟୀ ମାନେ ଛେଳିକୁ କାଟିବା ପରେ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଅନୁମତି ମିଳିବା ସାଙ୍ଗକୁ ମାଂସର କ୍ୱାଲିଟି ଠିକ୍ ଅଛି ବୋଲି ମାଂସରେ ସିଲ୍ ପଡିବା ପରେ ତାହାକୁ ବିକ୍ରି କରାଯାଇଥିଲା ତେବେ ବିଗତ କିଛିବର୍ଷ ହେଲା ଏହି ନିୟମ ମଧ୍ୟ ଆସିକା ଅଞ୍ଚଳରେ ବାଟବଣା ହୋଇଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଧ୍ୟାନଦେଇ ରାସ୍ତା କଡରେ ମାଛମାଂସ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ସହରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସାୟ କରିବା ଲାଗି ସୁଯୋଗ ଦେବା ଦିଗରେ ପଦକ୍ଷେପ ନେବାକୁ ବଭିନ୍ନ ମହଲରେ ଦୃଢ ଦାବି ହେଉଛି ।

## କାଳିମେଳା ଆଶ୍ରମ ବିଦ୍ୟାଳୟ ରେ ଚତୁର୍ଥ ବାର୍ଷିକ ଉତ୍ସବ

କାଳିମେଳା ସଦର ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷଜ ଦୀପଙ୍କର ମଣ୍ଡଳ ଙ୍କ ନେତୃତ୍ୱ ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁବାସିନୀ ସୋଡି. ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ନାୟକ । ସଂମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୋମ୍ୟରଞ୍ଜନ ନାୟକ । ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡ. ବିଦ୍ୟାଳୟ ସଭାପତି ଭଗବାନ ହ୍ୱନ୍ତାଳ, ସି ଆର ସିସି ଅସୀମ ପାଲ, ଅକ୍ଷୟ ପଣ୍ଡା, ଶିକ୍ଷାବିତ.



ଶିକ୍ଷକ ଦେବାନନ୍ଦ ବୈରାଗୀ., ନବ ମାଲିକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ କୁନି କୁନି ଛାତ୍ରୀ ମାନେ ନୃତ୍ୟ ମାଧମ ରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ମୁଖ୍ୟ ଅତିଥି ଶ୍ରୀମତୀ ସୋଡି ଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ ।ବାର୍ଷିକ ବିବରଣୀ ପ୍ରଧାନ ଶିକ୍ଷକ ଶ୍ରୀ ମଣ୍ଡଳ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ ମନ ଦେଇ ପାଠ ପଢିବା ପାଇଁ ମଞ୍ଚା ସୀନ ଅତିଥି ଉତ୍ସା ଇତ କରି ବା ସହଥିଲେ । ବାର୍ଷିକ ଉତ୍ସବ ପାଇଁ ଶିକ୍ଷା ଅନୁଷ୍ଠାନ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତ ବର୍ଗ ର କର୍ମଚାରୀ ମାନେ ସହଯୋଗ କରିଥିଲେ । କୁନି କୁନି ଛାତ୍ର ଛାତ୍ରୀ ମାନେ ବିଭିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ମାନେ ନିଜ ପିଲା ମାନଙ୍କ କଳା ଦେଖି ଖୁସି ହୋଉ ଥିଲେ । ଏହି କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ମାନେ ବୋହୁ ଆନନ୍ଦିତ ହୋଇ ଥିବା ଦେଖିବାକୁ ମିଳିଛି ।

## ଜାତୀୟ ସେବା ଯୋଜନା ର ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ



କାଳିମେଳା(ମହାଭାରତ): କାଳିମେଳା ବ୍ଲକ ର ଏମ ଭି ୯୦ ଗ୍ରାମ ସ୍ଥିତ ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚସେବା ଯୋଜନା ର ସ୍ୱତନ୍ତ୍ର ଶିବିର । ଉଧଘାଟିତ ହୋଇଅଛି ।ଉକ୍ତ କାର୍ଯ୍ୟକ୍ରମ ରେ ସମ୍ପୃକ୍ତ ବିଦ୍ୟାଳୟ ର ଅଧକ୍ଷ ଶ୍ରୀଯୁକ୍ତ ହିମାଂଶୁ ଶେଖର ବୈଦ୍ୟ ସାବପତିତ୍ୱ କରିଥିବା ବେଳେ କାଳିମେଳା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ର ଶାଖା ପରିଚାଳକ ଜଗତ କୁମାର ସାହୁ ଉକ୍ତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କ୍ୱରଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ନିଜ ଜୀବନ ଭବିଷ୍ୟତ ଗଢ଼ିବା ସହିତ ଦେଶ ସେବା କାର୍ଯ୍ୟ ରେ ବର୍ତ୍ତୀ ହେବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଏନ ଏସ ଏସ ର କିଡିନେଟର ସରୋଜ କୁମାର ମହାପାତ୍ର ଏହି ଉତ୍ସବ ରେ ଯୋଗଦାନ କରି ଛାତ୍ର ଛାତ୍ରୀ ଙ୍କୁ ରେଗୁଲାର କାର୍ଯ୍ୟକ୍ରମ ଓ ସ୍ୱତନ୍ତ୍ର ଶିବିର ର ଉଦେଶ୍ୟ ଓ କାର୍ଯ୍ୟ ପ୍ୟା ସମ୍ବନ୍ଧରେ ବିସ୍ତୃତ ଅଭିଭାଷଣ ଦେଇଥିଲେ । ଏହା ବ୍ୟତୀତ ଅନୁଷ୍ଠାନ ର ରାଜନୀତି ଅଧ୍ୟାପକ ଡ଼କ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର, ଇଂରାଜୀ ଅଧ୍ୟାପକ ପ୍ରଫୁଲ୍ଲ କୁମାର ବିଶ୍ୱାଳ,ଓଡ଼ିଆ ଅଧ୍ୟାପକ ଡକ୍ଟର ପ୍ରଭାତ କୁମାର ସୁତାର, ଶିକ୍ଷା ଅଧ୍ୟାପକ ବିମଳ କୁମାର ସାହୁ, ସମାଜ ବିଜ୍ଞାନ ଅଧ୍ୟାପକ ସୁଧାମ ଚରଣ ମହାଲିକ,ଖେଳ ଶିକ୍ଷକ ସହଦେ ଦାସ, ଗ୍ରାମ ରକ୍ଷକ ଶୈଳେନ୍ଦ୍ର ଦାସ ଇତିହାସ ଆଧ୍ୟାପିକା ଅନୁ ତିୱାରୀ, ଓଡ଼ିଆ ଅଧ୍ୟାପିକା ଧରିତ୍ରୀ ପ୍ରଧାନ, ଏବଂ ସମସ୍ତ ଅଣଶିକ୍ଷକ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେୟ ଉକ୍ତ କାୟ୍ୟକ୍ରମ ଆଜି ଠାରୁ ତଥା ୨୫/୦୩/୨୦୨୬ ରିକ ବୁଧବାର ଦିନ ରୁ ଆରମ୍ଭ ହୋଇ ଏକ ସପ୍ତାହ ବ୍ୟାପି ଆସନ୍ତା ତା ୩୧/୦୩/୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ଉକ୍ତ କାର୍ଯ୍ୟକ୍ରମ କୁ ପ୍ରଗ୍ରାମ ଅଧିକାରୀ ତଥା ଶିକ୍ଷା ବିଭାଗ ଅଧ୍ୟାପକ ବିମଳ କୁମାର ସାହୁ ଙ୍କ ପ୍ରତେକ୍ଷ ତତ୍ତ୍ୱାବଦନ ରେ ସୁଚାରୁରୂପେ ସମ୍ପାଦିତ ହୋଇଥିଲା ।

## ଜୁନାଗଡ଼ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଭବ୍ୟ ଆୟୋଜନ

ଜୁନାଗଡ଼,(ମହାଭାରତ):ଜୁନାଗଡ଼ ପ୍ରାଥମିକ କୃଷି ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ସଭା ଗୁରୁବାର ଦିନ ଭବ୍ୟ ଓ ସୁସଂଘଟିତ ପରିବେଶରେ ଆୟୋଜିତ ହୋଇଯାଇଛି । ସମିତି ସଭାପତି ସୁଧାଂଶୁ ଶେଖର ବରାଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମିତିର ସମସ୍ତ ସଦସ୍ୟ, କୃଷକ ପ୍ରତିନିଧି, କର୍ମଚାରୀ ଓ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତିବର୍ଗଙ୍କ ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା ।ସଭାର ଆରମ୍ଭରେ ସମିତିର ପୂର୍ବବର୍ଷର କାର୍ଯ୍ୟକଳାପ, ଆର୍ଥିକ ହିସାବ ଓ ସଫଳତା ବିଫଳତାର ବିସ୍ତୃତ ପ୍ରତିବେଦନ ପ୍ରସ୍ତୁତ କରାଯାଇଥିଲା । ସଭାପତି ଶ୍ରୀବରାଡ ଗତ ବର୍ଷରେ ସମିତି ଦ୍ୱାରା କୃଷକମାନଙ୍କୁ ଦିଆଯାଇଥିବା କୃଷି ଋଣ, ସୁବିଧାଜନକ ସୁଧ ହାରରେ ଅର୍ଥସାହାଯ୍ୟ, ବିଜ, ସାର ଓ କୀଟନାଶକ ବଣ୍ଟନ ସହିତ ବିଭିନ୍ନ କୃଷି ସମ୍ବନ୍ଧୀୟ ସେବା ବିଷୟରେ ତଥ୍ୟାତ୍ମକ ଅଲୋଚନା କରିଥିଲେ । ସେ କହନ୍ତି ସମିତି କୃଷକମାନଙ୍କ ସମସ୍ୟା ସମାଧାନରେ ସବୁ ବେଳେ ଆଗୁଆ ରହିଛି ଏବଂ ଆଗାମୀ ଦିନରେ ଆହୁରି ସକ୍ରିୟ ଭୂମିକା ନେବୟ ଏହି ସଭାରେ କୃଷକମାନଙ୍କ ଆର୍ଥିକ ସୁରକ୍ଷା, ଉତ୍ପାଦନ ବୃଦ୍ଧି ଓ ବଜାର ସୁବିଧା ଉପରେ ଗଭୀର ଚର୍ଚ୍ଚା ହୋଇଥିଲାୟ ବିଶେଷକରି ସରକାରୀ ଯୋଜନା ମାନଙ୍କର ସଠିକ୍ ଲାଭ ଗ୍ରାମସ୍ତରରେ ପହଞ୍ଚେଇବା, ଆଧୁନିକ କୃଷି ପ୍ରଯୁକ୍ତି ବ୍ୟବହାର, ଜଳ ସଂରକ୍ଷଣ, ଏବଂ ପରିବେଶ ସହିତ ସମନ୍ୱୟ ରଖି କୃଷି କରିବା ଉପରେ ଜୋର ଦିଆଯାଇଥିଲା ।ସଭାରେ ଆଗାମୀ ବର୍ଷ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ସଙ୍କଳ୍ପ ଗ୍ରହଣ କରାଯାଇଥିଲା । ସେଗୁଡ଼ିକ ମଧ୍ୟରେ କୃଷକମାନଙ୍କୁ ସମୟମାନ ଋଣ ଯୋଗାଣ, ଉତ୍ତମ ଗୁଣସ୍ତରର ବିଜ ଓ ସାର ଉପଲବ୍ଧ କରାଇବା, ଏବଂ କୃଷି ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ଉଲ୍ଲେଖନୀୟୟ ଏହାସହିତ ଯୁବ ପିଢ଼ିକୁ କୃଷି ପ୍ରତି ଆକର୍ଷିତ କରିବା ଓ ସ୍ୱାବଲମ୍ବୀ କୃଷକ ତିଆରି କରିବା ପାଇଁ ନୂତନ ପଦକ୍ଷେପ ନେବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା । ସଦସ୍ୟମାନେ ନିଜ ଅଞ୍ଚଳର ସମସ୍ୟା ଓ ପ୍ରସ୍ତାବଗୁଡ଼ିକୁ ସଭାରେ ଉଠାଇଥିଲେ, ଯାହାକୁ ସଭାପତି ଗୁରୁତ୍ୱ ସହ କଣ୍ଠସ୍ୱୀକାର କରି ସମାଧାନ ପାଇଁ ଆଶ୍ୱାସନ ଦେଇଥିଲେ । ସମିତିର ସୁଚାରୁ ପରିଚାଳନା ପାଇଁ ସଦସ୍ୟ ମାନଙ୍କ ସହଯୋଗ ଅତ୍ୟାବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ ।ସଭାର ଶେଷରେ ସମସ୍ତ କୃଷକ ଓ ସଦସ୍ୟମାନେ ଏକତାବଦ୍ଧ ଭାବେ କାମ କରି ସମିତିକୁ ଆଗକୁ ନେବା ଓ କୃଷକ କଲ୍ୟାଣ ପାଇଁ ନିଷ୍ଠା ସହ କାମ କରିବାକୁ ସଙ୍କଳ୍ପ ଗ୍ରହଣ କରିଥିଲେ । ଆୟୋଜିତ ଏହି ବାର୍ଷିକ ସାଧାରଣ ସଭା ପରିଚାଳନା ବରିଷ୍ଠ ସାମ୍ବାଦିକ ଖଗେଶ୍ୱର ଧ.ମାଝୀ କରିଥିବା ବେଳେ,କାର୍ଯ୍ୟକ୍ରମରେ ଅତିଥି ଭାବେ ବିସିସିବି ଜୁନାଗଡ଼ ମ୍ୟାନେଜର,ଶ୍ରୀମତୀ ଅଞ୍ଜଳି ଖମାରୀ, ହୁସ୍ନାୟାରା ବେଗମ୍, ଜୁନାଗଡ଼ କୃଷି ସମବାୟ ସମିତି ଲିଃ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସନ୍ତୋଷ କୁମାର ସିଂହଦେଓ, ଧବଳେଶ୍ୱର ଚନ୍ଦନ, ଆୟାସ୍ମିଲ ପୁଝାରୀ, ଦେବେନ୍ଦ୍ର କନ୍ଦପାନ, ତାପସ ରଂଜନ ସାହୁ, ପରୀକ୍ଷିତ ଗହିର, ପୂର୍ଣ୍ଣଚନ୍ଦ୍ର ଭାଟି, ବ୍ରହ୍ମା ଗହିର ପ୍ରମୁଖ ମଞ୍ଚାଶୀନ ଥିଲେ । ବଶିଷ୍ଟ ଚାଷୀ ଅଲେଖ ଧ.ମାଝୀ ପ୍ରମୁଖ ସମ୍ବର୍ଦ୍ଧିତ କରାଯାଇଥିଲା ।ସଂପୃକ୍ତ ଏହି ସଭାରେ ସହର ତଥା ଗ୍ରାମାଂଚଳ ସମସ୍ତ ଚାଷୀ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ମନ୍ଦିର ସଂଲଗ୍ନ ଗୃହରେ ମଳ, ମୂତ୍ର ପରୀକ୍ଷାଗାର ତୁରନ୍ତ ବନ୍ଦ କରିବାକୁ ବଣିକ ସଙ୍ଘ ର ଦାବି

ପାରାଦୀପ(ମହାଭାରତ): ପାରାଦୀପର ଅଠରବାଙ୍କୀ ବଜାରରେ ପୂର୍ବରୁ ମା ଦକ୍ଷିଣକାଳୀ ମନ୍ଦିର ନିର୍ମାଣ ପାଇଁ କୈବର୍ତ୍ତ ନେତା ତଥା ପୂର୍ବତନ ଅଠରବାଙ୍କୀ ବଣିକସଙ୍ଘ ର ସଭାପତି ସ୍ୱର୍ଗତ ଶଙ୍ଖନାଦ ବେହେରା ଙ୍କ ପ୍ରଚେଷ୍ଟା ରେ ଆରମ୍ଭ ହୋଇଥିଲା । ୨୦୦୭ ମସିହାରେ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ସୁରୁଖୁରୁରେ ମା ଙ୍କ ପୂଜାବିଧି ଚାଲୁଥିବା ସମୟରେ ୨୦୧୧ ମସିହାରେ ବଣିକ ସଙ୍ଘରେ ଅନେକ ବିବାଦ ଲାଗି ରହିବା କାରଣରୁ ମା ଦକ୍ଷିଣ କାଳୀ ମନ୍ଦିର କୁ ଦେବୋ□ର ବିଭାଗ ଅଧୀନକୁ ନେବାପାଇଁ ବଣିକସଙ୍ଘ ତରଫରୁ ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରସ୍ଥ ହେବା ସହିତ ୨୦୧୫ ମସିହା ଠାରୁ ମନ୍ଦିର ର ଟ୍ରଷ୍ଟି ଭାବରେ କୁଜଙ୍ଗ ତହସିଲଦାର କାର୍ଯ୍ୟ କରି ଆସୁଛନ୍ତି । ଏଥି ମଧ୍ୟରେ ଅଦ୍ୟାବଧି ୭ ଜଣ ତହସିଲଦାର ପରିବର୍ତ୍ତନ ହୋଇଥିବା ବେଳେ ଏଥିମଧ୍ୟରୁ ମାତ୍ର ଚାରିଜଣ ତହସିଲଦାର ମନ୍ଦିର ର କାର୍ଯ୍ୟରେ



ସହଯୋଗର ହାତ ବଢ଼ାଇଛନ୍ତି । ତେବେ ବର୍ତ୍ତମାନ ମନ୍ଦିର ର ପୂଜାର୍ଚ୍ଚନା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ମନ୍ଦିର ର କୋଠା ଭାଙ୍ଗିରୁଜି ଗଲାଣି । ଯାହା ଫଳରେ ଏହି ସମସ୍ୟା ର ସମାଧାନ ପାଇଁ ବର୍ତ୍ତମାନର ଟ୍ରଷ୍ଟି (ତହସିଲଦାର, କୁଜଙ୍ଗ) ଙ୍କ ସମେତ ଦେବୋତ୍ତର କମିଶନର, ଜଗତସିଂହପୁର ଜିଲ୍ଲାପାଳ ଏବଂ ଜଗତସିଂହପୁର ସାଂସଦ ଙ୍କୁ ଅବଗତ କରାଇବା ସହିତ ଦାବିପତ୍ର ପ୍ରଦାନ କରାଯାଇଥା ନେଇ କହିଛନ୍ତି ଅଠରବାଙ୍କୀ ବଣିକ ସଙ୍ଘ ର ସଭାପତି ଚିତ୍ତରଞ୍ଜନ ମଲ୍ଲିକ । ଦୀର୍ଘବର୍ଷ ହେବ ମା ଙ୍କ ମନ୍ଦିର ତଳେ ରହିଥିବା ଦୋକାନ ଗୃହ ଗୁଡିକର ଚୁକ୍ତିନାମା ଅବଧି ଶେଷ ହୋଇଥିବା ବେଳେ ଏହାକୁ ନବୀକରଣ କରାଯାଉନାହିଁ । ଏହି ଦୋକାନ ଘର ମଧ୍ୟରେ ବଜାର ର ଜଣେ ବିତ୍ତଶାଳୀ ବ୍ୟବସାୟୀ ନିଜ ଦୋକାନ ଘରକୁ ନୂତନ ଚୁକ୍ତିନାମା ନବୀକରଣ କରିଥିବା ବେଳେ ଅନ୍ୟ ବ୍ୟବସାୟୀ ମାନଙ୍କୁ ବଜାର ର କିଛି କୁଚକ୍ରୀ ଗୋଷ୍ଠୀ ବିଭିନ୍ନ ବିଭ୍ରାନ୍ତିକର ତଥ୍ୟ ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି ବଣିକ ସଙ୍ଘ ର ସଦସ୍ୟ । ମନ୍ଦିର ଭଳି ଦେବାଳୟ ତଳେ ରହିଥିବା କିଛି ପ୍ରାଇଭେଟ ଲ୍ୟାବ ରେ ମଳ, ମୂତ୍ର, ରକ୍ତ, କଫ, ଭୃଣ ପରୀକ୍ଷା କରାଯାଉଛି । ଯାହା ଶ୍ରଦ୍ଧାଳୁ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଅଶାନ୍ତି ର ବାତାବରଣ ସୃଷ୍ଟି ହୋଇଛି । ଏହି ଲ୍ୟାବ କୁ କିଏ ଓ କେଉଁ ସ୍ୱାର୍ଥରେ ଏଭଳି ଭକ୍ତ ଙ୍କ ଭାବାବେଗ କୁ କୁଠାରଘାତ କରୁଛି ବୋଲି ଅଭିଯୋଗ ଆଣିବା ସହିତ ଏହା ପଛରେ କିଛି ଅସାଧୁ ଓ କୁଚକ୍ରୀ ବ୍ୟକ୍ତିବିଶେଷ ବିଭିନ୍ନ ମହଲରୁ ଚାପ ପ୍ରୟୋଗ କରି ଏହିଭଳି କାର୍ଯ୍ୟ ଚଳାଇଥିବା ଅଭିଯୋଗ ଆଣିଛନ୍ତି । ଏପରିକି ଦୋକାନ ଘର ଗୁଡିକୁ ନବୀକରଣ କରିବା ପାଇଁ ଲୁଚାଛପା ରେ କିଛି ବ୍ୟବସାୟୀ ଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନିଆଯାଇଥିବା ଶୁଣିବାକୁ ମିଳୁଛି । ଗତ କାଳୀପୂଜା ରେ ବର୍ତମାନ ର ଟ୍ରଷ୍ଟି କିଛି ବ୍ୟକ୍ତି ଙ୍କୁ ସାଥିରେ ନେଇ ବଣିକସଙ୍ଘ କୁ ନ ପଚାରି ମା ଙ୍କ ପୂଜା କରିଥିଲେ । ଯେହେତୁ ମା ଙ୍କ ପୂଜା କୁ ଦୃଷ୍ଟି ରେ ରଖି ବଣିକ ସଙ୍ଘ କିଛି ବିରୋଧ କରି ନଥିଲା, ତେବେ ପରବର୍ତ୍ତୀ ସମୟରେ ମନ୍ଦିର କୁ ଦେବୋତ୍ତର ବିଭାଗ ନ ନେଇ ବ୍ୟକ୍ତିଗତ ଭାବରେ ମନ୍ଦିର ଚଳାଇବାକୁ କିଛି ବ୍ୟବସାୟୀ ଉଦ୍ୟମ କରୁଥିବା ନେଇ ଅଭିଯୋଗ କରିଛି ବଣିକ ସଙ୍ଘ । ମନ୍ଦିର ପୂଜକ ତାଙ୍କର ପ୍ରାପ୍ୟ ସଠିକ ସମୟରେ ପାଇ ପାରୁନାହାନ୍ତି, ମନ୍ଦିର ର ଉନ୍ନତି ହୋଇପାରୁନି, ମନ୍ଦିର ର ଭଡା ଦୋକାନ ଗୃହରେ ରକ୍ତ, ମଳମୂତ୍ର, ଗର୍ଭ ପରୀକ୍ଷା ଭଳି କାର୍ଯ୍ୟ କୁ ବନ୍ଦ କରିବା ସହିତ ଯେଉଁ ସମସ୍ୟା ଗୁଡିକ ଉପସ୍ଥାନ କରାଯାଇଛି ଏହାର ସମାଧାନ କରିବାକୁ ମନ୍ଦିର ର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ତଥା ତହସିଲଦାର ଙ୍କୁ ନିବେଦନ କରିଛନ୍ତି ଅଠରବାଙ୍କୀ ବଣିକସଂଘ । ଯଦି ଏହି ସମସ୍ୟା ର ସମାଧାନ କରିବାରେ ବିଳମ୍ବ କରାଯାଏ ତେବେ ଆଗାମୀ ଦିନରେ ବଜାର ରେ ଅଶାନ୍ତ ପରିବେଶ ସୃଷ୍ଟି ହେବା ସହିତ ଗୋଷ୍ଠୀକନ୍ଦଳ ସୃଷ୍ଟି ହେବାଭଳି ପରିସ୍ଥିତି କୁ ଏଡାଇ ଦିଆଯାଇ ନ ପାରେ ବୋଲି ଆଶା ବ୍ୟକ୍ତ କରିଛି ବଣିକ ସଙ୍ଘ । ଯଦି ମଳ, ମୂତ୍ର ପରୀକ୍ଷା ଗାର କୁ ତୁରନ୍ତ ବନ୍ଦ କରା ନ ଯାଏ ତେବେ ବାଧ ହୋଇ ସଙ୍ଘ ଆଇନିର ଆଶ୍ରୟ ନେବ ବୋଲି ସଙ୍ଘ ଦରଖାସ୍ତ ମାଧ୍ୟମରେ ଦାବି କରିଛନ୍ତି ।

# ଖାଦ୍ୟ ବିଲ୍ ଉପରେ ଏଲ୍‌ପିଜି ଚାର୍ଜ ବେଆଇନ




ନୂଆଦିଲ୍ଲୀ: ସମ୍ପ୍ରତି ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସୀମିତ ଏଲ୍ ?ପିଜି ସଂକଟ ଦେଖା ଦେଇଥିବା ବେଳେ କେତେକ ହୋଟେଲ ଓ ରେଷ୍ଟୋରାଁ ଗ୍ରାହକଙ୍କଠାରୁ 'ଏଲ୍‌ପିଜି ଚାର୍ଜ' ନାମରେ ଅତିରିକ୍ତ ଶୁଳ୍କ ଆଦାୟ କରୁଛନ୍ତି। ସରକାର ଏ ନେଇ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରି ଏହାକୁ ବେଆଇନ ବୋଲି କହିଛନ୍ତି। ଖାଦ୍ୟ ମୂଲ୍ୟ ବ୍ୟତୀତ କେବଳ ସରକାରୀ ଟିକସ ଏହି ବିଲ୍‌ରେ ଯୋଗ କରାଯାଇପାରିବ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଏଲ୍‌ପିଜି ସଙ୍କଟ ମଧ୍ୟରେ, କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ) ଏହାର ଆଦେଶରେ କହିଛି ଯେ, ହୋଟେଲ ଓ ରେଷ୍ଟୋରାଁଗୁଡିକ ସେମାନଙ୍କର ସମସ୍ତ ଇନପୁଟ୍ ମୂଲ୍ୟକୁ ମେନୁରେ ଦିଆଯାଇଥିବା ମୂଲ୍ୟରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ଯଦି କୌଣସି ରେଷ୍ଟୋରାଁ ଗ୍ୟାସ୍ ମୂଲ୍ୟ ବୃଦ୍ଧି କିମ୍ବା ଅନ୍ୟ କୌଣସି କାର୍ଯ୍ୟକ୍ଷମ ଖର୍ଚ୍ଚ ଦର୍ଶାଇ ବିଲ୍‌ରେ ପୃଥକ୍ ଚାର୍ଜ ଯୋଗ କରେ, ତେବେ ଏହା ନିୟମର ଉଲ୍ଲଂଘନ ବୋଲି ବିବେଚନା କରାଯିବ। କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଗ୍ରାହକମାନେ କେବଳ ମେନୁରେ ଲେଖାଯାଇଥିବା ଦର ଓ ଏହା ଉପରେ ପ୍ରଯୁଜ୍ୟ ଟିକସ ଦେବେ। ନିକଟରେ ବେଙ୍ଗାଲୁରୁର ଏକ କାଫେ ଲେମ୍ବୁ ପାଣି ବିଲ୍ ଉପରେ ୫ ପ୍ରତିଶତ 'ଗ୍ୟାସ୍ ସଙ୍କଟ ଚାର୍ଜ' ଆଦାୟ କରିଛି। 'ଥିଓ କାଫେ'ରୁ ଭାଇରାଲ ରସିଦ ଅନୁଯାୟୀ, ଜଣେ ଗ୍ରାହକ ଦୁଇ ଗ୍ଲାସ୍ ପୋଦିନା ଲେମ୍ବୁ ପାଣି ଅର୍ଡର କରିଥିଲେ, ଯାହାର ମୂଲ୍ୟ ମୋଟ ୩୫୮ ଟଙ୍କା ଥିଲା। କାଫେ ଜିଏସ୍‌ଟି ସହିତ ଏଥିରେ ୫ପ୍ରତିଶତ 'ଗ୍ୟାସ୍ ସଙ୍କଟ ଚାର୍ଜ' ଯୋଗ କରିଥିଲା। ଫଳରେ ସମୁଦାୟ ବିଲ୍ ୩୭୪ ଟଙ୍କା ହୋଇଥିଲା। କର୍ତ୍ତୃପକ୍ଷ ଏହାକୁ ଉପଭୋକ୍ତା ଅଧିକାରର ଉଲ୍ଲଂଘନ ବୋଲି କହି କଠୋର ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି।

ଯଦି ଆପଣ ବିଲରେ ଏପରି ଚାର୍ଜ ଦେଖନ୍ତି ତେବେ କ'ଣ କରିବେ? ସିସିପିଏ କହିଛି ଯେ ଯଦି ଆପଣ ବିଲରେ ଏଲ୍‌ପିଜି ଚାର୍ଜ, ଇନ୍ଧନ ଚାର୍ଜ କିମ୍ବା ଅନ୍ୟ କୌଣସି ଅତିରିକ୍ତ ଶୁଳ୍କ ଦେଖନ୍ତି, ତେବେ ପ୍ରଥମେ ଏହାକୁ ହଟାଇବାକୁ ହୋଟେଲ କିମ୍ବା ରେଷ୍ଟୋରାଁ ପରିଚାଳକଙ୍କୁ କୁହନ୍ତୁ। ଯଦି ସେମାନେ ଏହାକୁ ହଟାଇବାକୁ ମନା କରନ୍ତି, ତେବେ ଗ୍ରାହକମାନେ ଅଭିଯୋଗ କରିପାରିବେ। ଗ୍ରାହକମାନେ ଜାତୀୟ ଉପଭୋକ୍ତା ହେଲ୍ପଲାଇନ ନମ୍ବର ୧୯୧୫କୁ କଲ୍ କରିପାରିବେ। ନ ହେଲେ ଏନ୍‌ସିଏଚ୍ ମୋବାଇଲ୍ ଆପ୍ ମାଧ୍ୟମରେ ମଧ୍ୟ ଅଭିଯୋଗ ଦାଖଲ କରାଯାଇପାରିବ। ତା'ଛଡ଼ା ଇ-ଜାଗୃତି ପୋର୍ଟାଲ ମାଧ୍ୟମରେ କିମ୍ବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇପାରିବ।

## ହର୍ମୁଜ ଉପରେ ତେହେରାନର ଆଖି: ସ୍ଥଳ ଯୁଦ୍ଧ ପାଇଁ ନିକଟତର ହେଉଛନ୍ତି ଆମେରିକୀୟ ସୈନ୍ୟ

ଦୁବାଇ: ଇରାନ ଯୁଦ୍ଧ ବନ୍ଦ ହେବାର ସମ୍ଭାବନା ଦେଖାଯାଉ ନାହିଁ। ଅସ୍ତ୍ରବିରତିରେ ପହଞ୍ଚିବା ପାଇଁ କୂଟନୈତିକ ପ୍ରୟାସ ଦୁର୍ବଳ ହେଉଥିବା ଦେଖାଯାଉଥିବା ବେଳେ ଗୁରୁବାର ଇରାନ ଓ ଆମେରିକା ସେମାନଙ୍କ ଆଭିମୁଖ୍ୟକୁ କଠୋର କରିଛନ୍ତି। ଇସଲାମିକ୍ ରିପବ୍ଲିକ୍ ?ରେ ସ୍ଥଳ ଯୁଦ୍ଧ ପାଇଁ ୱାସିଂଟନ ପ୍ରସ୍ତୁତ ହେଉଥିବା ବେଳେ ତେହେରାନ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଉପରେ ଏହାର ନିୟନ୍ତ୍ରଣକୁ କଡ଼ାକଡ଼ି କରିବାକୁ ପଦକ୍ଷେପ ନେଇଛି। ହର୍ମୁଜ ପ୍ରଣାଳୀରେ ଇରାନ ଏକ ପ୍ରକାର 'ଟୋଲ୍ ବୁଥ୍' ଖୋଲିଥିବା ଶିଳ୍ପ ବିଶେଷଜ୍ଞମାନେ ଦାବି କରିଛନ୍ତି, ଯେଉଁଥିରେ କିଛି ଜାହାଜ ପ୍ରଣାଳୀ ଦେଇ ଯିବା ପାଇଁ ଚାଇନିଜ୍ ୟୁଆନରେ ଦେୟ ଦେଇଥାନ୍ତି। ଏହି ସମୟରେ, ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ତ୍ରିପୋଲି ଦ୍ୱାରା ଏକ ଷ୍ଟ୍ରାଇକ୍ ଗ୍ରୁପ୍ ପ୍ରାୟ ୨,୫୦୦ ସ୍ଥଳ ନେ ?ସେ ?ନିକ ସହିତ ମଧ୍ୟପ୍ରାଚ୍ୟର ନିକଟତର ହୋଇଛି ଏବଂ ୮୨ତମ ଏୟାର୍ ?ବୋର୍ନରୁ ଅତି କମ୍ ?ରେ ୧,୦୦୦ ପାରାଟ୍ରୁପରଙ୍କୁ ଏହି ଅଞ୍ଚଳକୁ ପଠାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ପ୍ରଣାଳୀ ଖୋଲିବାକୁ ଏବଂ ଉପସାଗରୀୟ ଆରବ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ ବନ୍ଦ କରିବାକୁ ଇରାନକୁ ବାଧ୍ୟ କରିବା ପାଇଁ ବଡ଼ ଧରଣର ସାମରିକ ଶକ୍ତି ପ୍ରୟୋଗ କରିବା ନିମନ୍ତେ ଆଜି ସଙ୍କେତ ଦେଇଛନ୍ତି। ଜାନୁଆରିରେ ଆମେରିକା ସୈନ୍ୟବାହିନୀ ଭେନେଜୁଏଲାର ପୂର୍ବତନ ନେତା ନିକୋଲାସ୍ ମାଦୁରୋଙ୍କୁ ଧରିବା ପୂର୍ବରୁ ଟ୍ରମ୍ପ କାରିବିଆନରେ ଏକ ବୃହତ୍ ସୈନ୍ୟବାହିନୀ ମୁତୟନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଆମେରିକା ସମ୍ଭବତଃ ଖାର୍ଗ ଦ୍ୱୀପରେ ଥିବା ଇରାନର ତୈଳ ଟର୍ମିନାଲ୍ କିମ୍ବା ପ୍ରଣାଳୀ ନିକଟରେ ଥିବା ଅନ୍ୟାନ୍ୟ ସ୍ଥାନକୁ ଦଖଲ କରିବା ଉପରେ ଧ୍ୟାନ ଦେଉଥିବା ଦେଖାଯାଉଛି। ଏହି ଅଞ୍ଚଳରେ ଆମେରିକୀୟ ସୈନ୍ୟବାହିନୀର ନେତୃତ୍ୱ ନେଉଥିବା ଆମେରିକା ନୌସେନା ଆଡମିରାଲ୍ ବ୍ରାଡ୍ କୁପର କହିଛନ୍ତି ଯେ, ଫେବ୍ରୁଆରି ୨୮ରେ ଇସ୍ରାଏଲ୍ ଓ ଆମେରିକା ଯୁଦ୍ଧ ଆରମ୍ଭ କରିବା ପରଠାରୁ ତାଙ୍କ ସୈନ୍ୟବାହିନୀ ୧୦,୦୦୦ରୁ ଅଧିକ ଟାର୍ଗେଟ୍ ?କୁ ମାଡ଼ କରିଛି, ଯାହା ଇରାନର ୯୨ ପ୍ରତିଶତ ବୃହତ୍ତମ ଜାହାଜ ଓ ଦେଶର ଦୁଇ ତୃତୀୟାଂଶରୁ ଅଧିକ କ୍ଷେପଣାସ୍ତ୍ର, ଡ୍ରୋନ୍ ତଥା ନୌସେନା ଉତ୍ପାଦନ ସୁବିଧାକୁ ନଷ୍ଟ କରିଦେଇଛି। ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ କୁପର ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଆମେ ଏପର୍ଯ୍ୟନ୍ତ ଶେଷ କରିନାହୁଁ। ଆମେ ଇରାନର ବ୍ୟାପକ ସାମରିକ ଯନ୍ତ୍ରପାତିକୁ ସମ୍ପୂର୍ଣ୍ଣ ରୂପେ ହଟାଇବା ପଥରେ ଅଛୁ।

## ପାକିସ୍ତାନରେ ଭୂକମ୍ପ, ତୀବ୍ରତା ୪.୬

ପାକିସ୍ତାନ : ପାକିସ୍ତାନରେ ଭୂକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ୪.୬ ଥିବା ଜଣାପଡିଛି । ଭୂକମ୍ପର କେନ୍ଦ୍ରସ୍ଥଳ ୯୨ କିଲୋମିଟର ଗଭୀରତାରେ ଥିବା ଘଡଝ ପକ୍ଷରୁ ସୂଚନା ମିଳିଛି । କିନ୍ତୁ ଏହି ଏପର୍ଯ୍ୟନ୍ତ ଭୂକମ୍ପରେ କୌଣସି କ୍ଷୟକ୍ଷତି ହେବାର ସୂଚନା ମିଳିନାହିଁ । କିଛି ସମୟ ପରେ ଆଜି ସକାଳେ ଉତ୍ତର-ପଶ୍ଚିମ ନେପାଳର ପଶ୍ଚିମପ୍ରଦେଶରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୪.୦ ଥିବା ମପାଯାଇଥିଲା । ଏହାର କେନ୍ଦ୍ରସ୍ଥଳ ଦାର୍ଚୁଲା ଜିଲ୍ଲାର ମୁରାଇ ଅଞ୍ଚଳ ନିକଟରେ ଥିଲା । ନିକଟବର୍ତ୍ତୀ ବୈତାଡି ଏବଂ ବଝାଙ୍ଗ ଜିଲ୍ଲାରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ନେପାଳରେ ମଧ୍ୟ କୌଣସି କ୍ଷୟକ୍ଷତି ଘଟିଥିବାର ସୂଚନା ମିଳିନାହିଁ । ସୂଚନାଯୋଗ୍ୟ, ଗତ ଦୁଇ ଦିନ ତଳେ ଓସେନିଆର ମହାଦେଶର ଟୋଙ୍ଗା ଅଞ୍ଚଳ ନିକଟସ୍ଥ ନେଇଫୁରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୭.୬ ଥିଲା । ଭୂକମ୍ପ କେନ୍ଦ୍ରସ୍ଥଳ ୨୩୫ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା ।

## ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର, ଆଜିଠାରୁ ଲାଗୁ ହେଲା ନୂଆ ବିମାନ ଟିକେଟ୍ ବୁକିଂ ଫେରସ୍ତ ଓ ବାତିଲ ନିୟମ

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର । ଆଜିଠାରୁ ଲାଗୁ ହେଲା ନୂଆ ବିମାନ ଟିକେଟ୍ ବୁକିଂ ଫେରସ୍ତ ଓ ବାତିଲ ନିୟମ । ବିମାନ ଟିକେଟ୍ ବୁକିଂ ପରେ ବାତିଲ କରୁଥିବା ଯାତ୍ରୀଙ୍କୁ ଆଉ ଦେବାକୁ ପଡ଼ିବନି ଅତିରିକ୍ତ ଦେୟ । ଏଣିକି ଯାତ୍ରୀଙ୍କୁ ମିଳିବ ବୁକିଂ ଟିକେଟର ପୂରା ମୂଲ୍ୟ । ଅର୍ଥାତ ଯାତ୍ରୀଙ୍କୁ ଆଉ ପ୍ରୋସେସିଂ ଫି' ବାବଦ ଅତିରିକ୍ତ ଦେୟ ଦେବାକୁ ପଡ଼ିବନି । ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ-ଡିଏଓଇ ପକ୍ଷରୁ ଲାଗୁ ହୋଇଛି ଏହି ନିୟମ । ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟ ଭାରତରୁ ଓ ଭାରତକୁ ଚଳାଚଳ କରୁଥିବା ବିମାନ କମ୍ପାନୀ ପାଇଁ ଏହି ନିୟମ ଲାଗୁ କରାଯାଇଛି । ଗତ ଫେବ୍ରୁଆରୀରେ ବିମାନ ଟିକେଟ ବୁକିଂ ଓ ଅର୍ଥ ଫେରସ୍ତରେ ସମସ୍ୟା ନେଇ ଡିଏଓଇ ନିକଟରେ ଏକାଧିକ ଅଭିଯୋଗ ହୋଇଥିଲା । ସମସ୍ତ ଅଭିଯୋଗର ତର୍ଜମା କରିବା ପରେ ଟିକେଟ୍ ବୁକିଂ ଫେରସ୍ତ ଓ ବାତିଲ ନିୟମ ଲାଗୁ ପାଇଁ ତାରିଖ ଓ ଦିନ ଧାର୍ଯ୍ୟ କରିଥିଲେ ଡିଏଓଇ । ମାର୍ଚ୍ଚ ୨୬ରେ ଅର୍ଥାତ ଆଜି ଏହି ନିୟମ ଲାଗୁ କରିବାକୁ ଡିଏଓଇ ପକ୍ଷରୁ ଗାଇଡଲାଇନ୍ ଜାରି ହୋଇଥିଲା । ତେବେ ନୂଆ ନିୟମ ଅନୁଯାୟୀ ଯଦି ଜଣେ ଯାତ୍ରୀ କ୍ରେଡିଟ୍ କାର୍ଡ ଜରିଆରେ ବିମାନ ଟିକେଟ୍ କାଟିଛନ୍ତି, ତେବେ ଟିକେଟ୍ ବାତିଲ ହେବାର ସାତ ଦିନ ମଧ୍ୟରେ କମ୍ପାନୀକୁ ଯାତ୍ରୀଙ୍କ ଟଙ୍କା ଫେରସ୍ତ କରିବା ବାଧ୍ୟତାମୂଳକ । ସେହିପରି ଯଦି ନଗଦ ଅର୍ଥରାଶି ମାଧ୍ୟମରେ ଟିକେଟ କିଣାଯାଇଛି ଓ ଏହାକୁ ଯାତ୍ରୀ ବାତିଲ କରୁଛନ୍ତି, ତେବେ ଟିକେଟ ବୁକିଂ ଅଫିସରୁ ହିଁ ଯାତ୍ରୀ ଫେରସ୍ତ ଅର୍ଥ ନେଇପାରିବେ । ଯଦି କୌଣସି ଟ୍ରାଭେଲ୍ ଏଜେଣ୍ଟ କିମ୍ବା ଟ୍ରାଭେଲ୍ ପୋର୍ଟାଲ୍ ଜରିଆରେ ଟିକେଟ୍ ବୁକ୍ ହୋଇଥାଏ, ତେବେ ୧୪ ଦିନ ମଧ୍ୟରେ କମ୍ପାନୀ ଟିକେଟ୍ ଅର୍ଥ ଫେରସ୍ତ କରିବାକୁ ଡିଏଓଇ ନିୟମାବଳୀରେ ଦର୍ଶାଯାଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟିକେଟ ବୁକିଂ ବେଳେ କମ୍ପାନୀମାନେ ପୂର୍ବରୁ କ୍ରେଡିଟ୍ ସେଲକୁ ବାଧ୍ୟତାମୂଳକ କରିଥିବା ବେଳେ ଏବେ ତାହାକୁ ହଟାଇ ଦେଇଛନ୍ତି ଡିଏଓଇ।

## ପଦ୍ମାବତୀ ନଦୀକୁ ଖସିପଡିଲା ଯାତ୍ରୀ ଭର୍ତ୍ତି ବସ୍, ୨୩ ମୃତ



ବାଂଲାଦେଶ : ବାଂଲାଦେଶର ରାଜବାରୀ ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ବସ୍ ପଦ୍ମା ନଦୀକୁ ଖସିପଡିଥିବାରୁ ଏପରି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ୨୩ ଜଣଙ୍କର ମୃତ୍ୟୁ ହୋଇଛି । ଏଥିସହ ଅନେକ ଲୋକ ଆହତ ଏବଂ ନିଖୋଜ ଥିବା ସୂଚନା ମିଳିଛି । ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟା ସମୟରେ ୪୦ ରୁ ୫୦ ଯାତ୍ରୀଙ୍କୁ ନେଇ ରାଜବୀରରୁ ଢାକା ଅଭିମୁଖେ ବସଟି ଯାଉଥିଲା । ଠିକ୍ ସନ୍ଧ୍ୟା ୫ଟାରେ ଦୌଲତଦିଆ ଫେରି ଟର୍ମିନାଲ ନମ୍ବର ୩ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିଲା । ବସଟି ଏକ ଫେରିରେ ଚଢିବା ସମୟରେ ନିୟନ୍ତ୍ରଣ ହରାଇ ପାଣିରେ ପଡିଯାଇଥିଲା । ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏପର୍ଯ୍ୟନ୍ତ ୨୩ ଜଣଙ୍କ ମୃତଦେହକୁ ଉଦ୍ଧାର କରିଛି । ଏବେ ସୁଦ୍ଧା ଆହୁରି କିଛି ଲୋକ ମଧ୍ୟ ନିଖୋଜ ରହିଛନ୍ତି । କିଛି ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ଅଧିକ ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ କରାଯାଇଥିଲା ଏବଂ ସକାଳେ ପୁଣି ଆରମ୍ଭ ହୋଇଥିବା ପୋଲିସ ସୂଚନା ଦେଇଛନ୍ତି । ଅଗ୍ନିଶମ ସେବା, ନୌସେନା, ପୋଲିସ ଏବଂ ଅନ୍ୟାନ୍ୟ ଦଳଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ ଚାଲିଛି ।" ଅନ୍ୟପଟେ ଏପରି ଘଟଣା ଘଟିବା ପରେ ପଦ୍ମା ନଦୀ କୂଳରେ ସମ୍ପର୍କୀୟମାନଙ୍କର ଘଟଣାସ୍ଥଳରେ ଭିଡ଼ ଜମିଥିଲା । ସେମାନଙ୍କ ଘର ଲୋକଙ୍କୁ ଜୀବନ୍ତ ଉଦ୍ଧାର କରିବାକୁ ଭିଡ଼ ଜମାଇଥିବା ଜଣାପଡିଛି । ଯାହା ଅଗ୍ନିଶମ ସେବାର ବୁଡ଼ାଳି, ନୌସେନା ଏବଂ ପୋଲିସ ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସ୍ଥାନୀୟ ପ୍ରଶାସନ ଏବଂ ରିଲିଫ୍ ଦଳ ଘଟଣାସ୍ଥଳରେ ସକ୍ରିୟ ଅଛନ୍ତି ଏବଂ ପରିସ୍ଥିତି ଉପରେ ନଜର ରଖିଛନ୍ତି ।

## ପେଟ୍ରୋଲ ୫ ଟଙ୍କା ଓ ଡିଜେଲ ୩ ଟଙ୍କା ମହଙ୍ଗା



ନାୟାରା ପେଟ୍ରୋଲ ପମ୍ପରେ ବଢ଼ିଲା ଦର । ଲିଟର ପିଛା ପେଟ୍ରୋଲ ୫ ଟଙ୍କା ଓ ଡିଜେଲ ୩ ଟଙ୍କା ମହଙ୍ଗା ହେଲା । ଦେଶର ସବୁଠାରୁ ବଡ଼ ଘରୋଇ ତୈଳ କମ୍ପାନୀ ନାୟାରା ଏନର୍ଜି ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ାଇ ଦେଇଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ କମ୍ପାନୀ ଏହି ନିଷ୍ପତ୍ତି ନେଇଛି। ପେଟ୍ରୋଲ ଲିଟର ପିଛା ପ୍ରାୟ ୫ ଟଙ୍କା ବଢ଼ିଛି । ଡିଜେଲ ଲିଟର ପିଛା ୩ ଟଙ୍କା ବୃଦ୍ଧି ପାଇଛି। ଇଣ୍ଡିଆନ ଅଏଲ୍, ଇଚଡଖ ଏବଂ ୟାଚଡଖ ଭଳି ସରକାରୀ ପମ୍ପଗୁଡ଼ିକରେ ଏବେ ମଧ୍ୟ ପୁରୁଣା ଦର ବଳବତ୍ତର ରହିଛି। ଇସ୍ରାଏଲ-ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ତେଲ ଯୋଗାଣ ବାଧାପ୍ରାପ୍ତ ହୋଇଛି। ହର୍ମୁଜ ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଦେଇ ବିଶ୍ୱର ୨୦% ତେଲ ଯାତାୟାତ କରେ, ଯାହା ଏବେ ଯୁଦ୍ଧ ଯୋଗୁଁ ପ୍ରାୟ ବନ୍ଦ ହୋଇଯାଇଛି। ସରକାରୀ କମ୍ପାନୀଙ୍କୁ ସରକାର ସହାୟତା ଦେଉଥିବା ବେଳେ ଘରୋଇ କମ୍ପାନୀମାନେ କ୍ରମାଗତ କ୍ଷତି ସହି ପାରୁନାହାନ୍ତି, ତେଣୁ ସେମାନେ ଦର ବଢ଼ାଇବାକୁ ବାଧ୍ୟ ହୋଇଛନ୍ତି। ନାୟାରା ପେଟ୍ରୋଲ ପମ୍ପର ଜଣେ ପରିଚାଳକ କହିଛନ୍ତି, "କୌଣସି କମ୍ପାନୀର ମାଲିକାନା ପେଟ୍ରୋଲ ଏବଂ ଡିଜେଲ ନାହିଁ, ଏବଂ ଷ୍ଟକ୍ ପୂର୍ବ ପରି ସମାନ ଅଛି। ଆମେ ନାୟାରା ଡିପୋରୁ ପର୍ଯ୍ୟାପ୍ତ ପରିମାଣରେ ଡିଜେଲ ଏବଂ ପେଟ୍ରୋଲ ପାଉଛୁ।" ତଥାପି, ଗତକାଲି ବିଳମ୍ବିତ ରାତିରେ ଏକ ବାର୍ତ୍ତା ଆସିଥିଲା ଯେ ଆସନ୍ତାକାଲିଠାରୁ ବର୍ଦ୍ଧିତ ମୂଲ୍ୟରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରି ହେବ।

## ଜାପାନ ଉପକୂଳରେ ଶକ୍ତିଶାଳୀ ଭୂକମ୍ପ, ରିକ୍ଟର ସ୍କେଲରେ ତୀବ୍ରତା ୬.୫

ଜାପାନ ଉପକୂଳରେ ଶକ୍ତିଶାଳୀ ଭୂକମ୍ପ । ରିକ୍ଟର ସ୍କେଲରେ ୬.୫ତୀବ୍ରତାରେ ଥରିଲା ସାନ୍ ରିକୁ ଅଞ୍ଚଳ। ଉତ୍ତର ଜାପାନର ଇୱାଟେ ପ୍ରଦେଶ ଅନ୍ତର୍ଗତ ସାନ ରିକୁ ଉପକୂଳରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତିବ୍ରତା ୬.୫ ରେକର୍ଡ କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ପ୍ରଶାନ୍ତ ମହାସାଗର ମଧ୍ୟରେ ଇୱାଟେ ପ୍ରଦେଶର ୟାମାଦା ଠାରୁ ପ୍ରାୟ ୧୨୨ କିଲୋମିଟର ଦୂରରେ ଥିଲା। ସମୁଦ୍ର ପତ୍ତନରୁ ମାତ୍ର ୯.୫ ରୁ ୧୦ କିଲୋମିଟର ଗଭୀରରେ ହୋଇଥିଲ ଭୂକମ୍ପ। କମ୍ ଗଭୀରରେ ଭୂକମ୍ପ ହୋଇଥିବାରୁ ସ୍ଥଳଭାଗରେ ଝଟକା ଅଧିକ ଅନୁଭୂତ ହୋଇଛି। ଜାପାନ ପାଣିପାଗ ସଂସ୍ଥା- ଔଗଇ ଅନୁଯାୟୀ, ଏହାର ତୀବ୍ରତା ସ୍ତର ୪ ଥିଲା। ଅର୍ଥାତ ଏଥିରେ ଘର ଭିତରେ ଥିବା ଜିନିଷପତ୍ର ଦୋହଲିବା ସହ ଦୁର୍ବଳ କୋଠାବାଡ଼ିରେ ସାମାନ୍ୟ ଫାଟ ସୃଷ୍ଟି ହୋଇପାରେ। ଉତ୍ତର-ପୂର୍ବ ଜାପାନର ଅନେକ ସ୍ଥାନରେ ଏହି ଝଟକା ଅନୁଭୂତ ହୋଇଛି। ଲୋକମାନେ ଆତଙ୍କିତ ହୋଇ ଘରୁ ବାହାରକୁ ଚାଲିଆସିଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ ଧରଣର ସୁନାମୀ ସତର୍କତା ଜାରି କରାଯାଇ ନାହିଁ କିମ୍ବା ସମୁଦ୍ରରେ ବଡ଼ ଲହରୀ ଉଠିନାହିଁ। ଏଯାଏ କୌଣସି ବଡ଼ ଧରଣର ଧନଜୀବନ ହାନି କିମ୍ବା କ୍ଷୟକ୍ଷତିର ଖବର ମିଳିନାହିଁ। ଭୂକମ୍ପ ପରେ ୪.୯ ଏବଂ ୪.୫ ତୀବ୍ରତାର ପଶ୍ଚାତ କଂପନ ଅନୁଭୂତ ହୋଇଛି। ଆଗକୁ ମଧ୍ୟ ଏପରି ଝଟକା ଆସିବାର ସମ୍ଭାବନା ଥିବାରୁ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି।

## ମିସାଇଲ୍ ମାଡ଼େର ଭାରତୀୟଙ୍କ ମୃତ୍ୟୁ

ମିସାଇଲ୍ ମାଡ଼େର ଭାରତୀୟଙ୍କ ମୃତ୍ୟୁ । ୟୁଏଇର ରାଜଧାନୀ ଆବୁଧାବିରେ ଏକ ବଡ଼ ଧରଣର ମିସାଇଲ୍ ଆକ୍ରମଣ । ଏକ ବାଲିଷ୍ଟିକ ମିସାଇଲକୁ ଆକାଶମାର୍ଗରେ ଧ୍ୱଂସ କରାଯାଇଥିଲା, କିନ୍ତୁ ଏହାର ଭଙ୍ଗା ଅଂଶ ସ୍ୱେହାନ ଷ୍ଟ୍ରିଟ୍‌ରେ ପଡ଼ିବାରୁ ଜଣେ ଭାରତୀୟ ଏବଂ ଜଣେ ପାକିସ୍ତାନୀ ନାଗରିକଙ୍କର ମୃତ୍ୟୁ ଘଟିଛି । ୩ ଜଣ ଆହତମାନଙ୍କ ମଧ୍ୟରୁ କାହାର ଅବସ୍ଥା ଗୁରୁତର ଥିବାବେଳେ କାହାର ସାମାନ୍ୟ ରହିଛି । ଆବୁଧାବି ମିଡିଆ ଅଫିସ୍ ସୂଚନା ଅନୁସାରେ, ୟୁଏଇର ପ୍ରତିରକ୍ଷା ବାହିନୀ ଶତ୍ରୁପକ୍ଷର ମିସାଇଲକୁ ସଫଳତାର ସହ ଆକାଶରେ ହିଁ ମାରି ଖସାଇ ଦେଇଥିଲା । କିନ୍ତୁ ସେହି ମିସାଇଲର ଖଣ୍ଡଗୁଡ଼ିକ ଜନବସତି ଅଞ୍ଚଳରେ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ମିସାଇଲ୍ ଅଂଶ ପଡ଼ିବା ଫଳରେ ସେଠାରେ ଥିବା ଅନେକ ଗାଡ଼ି ମଧ୍ୟ ନଷ୍ଟ ହୋଇଛି । ଆବୁଧାବି ମିଡିଆ ଅଫିସ୍ ସୂଚନା ଅନୁସାରେ, ୟୁଏଇର ପ୍ରତିରକ୍ଷା ବାହିନୀ ଶତ୍ରୁପକ୍ଷର ମିସାଇଲକୁ ସଫଳତାର ସହ ଆକାଶରେ ହିଁ ମାରି ଖସାଇ ଦେଇଥିଲା ।

# ଟ୍ରମ୍ପଙ୍କୁ ଇରାନର ଚେତାବନୀ, ବିନାଶକାରୀ ହେବ ସ୍ଥଳ ଯୁଦ୍ଧ



ତେହେରାନ/ୱାସିଂଟନ: ଆମେରିକା-ଇସ୍ରାଏଲ ମିଳିତ ବାହିନୀ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଅତି ଜଟିଳ ମୋଡ଼ରେ ପହଞ୍ଚିଛି। ବିଗତ ଚାରି ସପ୍ତାହ ଧରି ଜାରି ରହିଥିବା ଏହି ଯୁଦ୍ଧ ଏକ ଶକ୍ତିଶାଳୀ ସାମରିକ ଗତିରୋଧର ରୂପ ନେଇଛି। ଯୁଦ୍ଧବିରତି ଆଲୋଚନା ପାଇଁ ଉଭୟ ଇରାନ ଓ ଆମେରିକା କଡ଼ା ସର୍ତ୍ତ ରଖିଥିବା ଏବଂ ଇରାନ ଆମେରିକାର ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରିଥିବାରୁ କୂଟନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପାକିସ୍ତାନ ଦାବି କରିଛି ଯେ କଥାବାର୍ତ୍ତା ପାଇଁ ବିଭିନ୍ନ ଚ୍ୟାନେଲ ସକ୍ରିୟ ରହିଛି ଏବଂ ଖୁବ୍ ?ଶୀଘ୍ର ଏହାର ପରିଣାମ ଦେଖିବାକୁ ମିଳିବ।

ଆମେରିକା ଓ ଇସ୍ରାଏଲ ଆକାଶମାର୍ଗରେ ନିଜର ପ୍ରାଧାନ୍ୟ ବିସ୍ତାର କରି ଇରାନର କ୍ଷେପଣାସ୍ତ୍ର ଭିତ୍ତିଭୂମିକୁ ବହୁ ପରିମାଣରେ ନଷ୍ଟ କରିଦେଇଥିଲେ ମଧ୍ୟ ଇରାନର ଆକ୍ରମଣ କ୍ଷମତା କମୁନଥିବାରୁ ସାମରିକ ବିଶେଷଜ୍ଞମାନେ ବିସ୍ମୟ ପ୍ରକଟ କରିଛନ୍ତି। ଇରାନ ହର୍ମୁଜ ପ୍ରଣାଳୀ ଅବରୋଧ କରି ବିଶ୍ୱ ଅର୍ଥନୀତି ଉପରେ ଏକ ଅସହ୍ୟ ଚାପ ପ୍ରୟୋଗ କରିବାରେ ସଫଳ ହୋଇଛି। ଏହି ସାମରିକ ଗତିରୋଧ ଏବେ ଏକ ଭୟଙ୍କର ସ୍ଥଳ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି, ଯାହା ସମଗ୍ର ମଧ୍ୟ-ପ୍ରାଚ୍ୟରେ ଧ୍ୱଂସଲୀଳା ରଚିବ ବୋଲି ବିଶ୍ଳେଷକମାନେ କହିଛନ୍ତି। ଇରାନ ଆଜି ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କୁ ଚେତାବନୀ ଦେଇ କହିଛି ଯେ ସ୍ଥଳ ଯୁଦ୍ଧ ଆମେରିକୀୟ ମିଳିତ ବାହିନୀ ପାଇଁ 'ମୃତ୍ୟୁର ବଳୟ' ହେବ। ଇରାନର ବରିଷ୍ଠ ସାମରିକ ରଣନୀତିଜ୍ଞ ମୋହସେନ ରେଜାଇ ଏକ କଠୋର ଚେତାବନୀ ଦେଇ କହିଛନ୍ତି, ଯଦି ମିଳିତ ବାହିନୀ ସ୍ଥଳପଥରେ ଆକ୍ରମଣ କରେ, ତେବେ ତାହା ଶତ୍ରୁ ପକ୍ଷ ପାଇଁ ଅତ୍ୟନ୍ତ ବିପଜ୍ଜନକ ଏବଂ ବିନାଶକାରୀ ପ୍ରମାଣିତ ହେବ। ସେ ଆମେରିକାକୁ ଚ୍ୟାଲେଞ୍ଜ କରି ପ୍ରଶ୍ନ କରିଛନ୍ତି ଯେ, ଆମେରିକୀୟ ସୈନିକମାନେ କ'ଣ ଇସ୍ରାଏଲ ପାଇଁ ମରିବାକୁ ପ୍ରସ୍ତୁତ? ଇରାନର ପାହାଡ଼ିଆ ଅଞ୍ଚଳ, ବିସ୍ତୀର୍ଣ୍ଣ ମରୁଭୂମି ଏବଂ ଦୁର୍ଗ ସଦୃଶ ସହରଗୁଡ଼ିକୁ ଆକ୍ରମଣକାରୀଙ୍କ ପାଇଁ ଏକ 'କିଲ୍ ଜୋନ୍' ବା ମୃତ୍ୟୁର ବଳୟରେ ପରିଣତ କରିବା ପାଇଁ ତେହେରାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଇରାନକୁ ଏକ ଶକ୍ତ ଚେତାବନୀ ଦେଇ କହିଛନ୍ତି ଯେ, ସାମରିକ ବିକଳ୍ପ ଆହୁରି ତୀବ୍ର ହେବା ପୂର୍ବରୁ ଇରାନ ଯୁଦ୍ଧବିରତି ପ୍ରସ୍ତାବ ଉପରେ ଗମ୍ଭୀର ହେବା ଉଚିତ। ଟ୍ରମ୍ପ ଇରାନୀ ବୁଝାମଣାକାରୀଙ୍କୁ 'ବିଚିତ୍ର' ବୋଲି ବର୍ଣ୍ଣନା କରିବା ସହ ଦାବି କରିଛନ୍ତି ଯେ, ତେହେରାନ ବାହାରକୁ ଆଲୋଚନା ପାଇଁ ମନା କରୁଥିଲେ ମଧ୍ୟ ଭିତରେ ଭିତରେ ଚୁକ୍ତି ପାଇଁ ବ୍ୟାକୁଳ ଅଛି। ସେ କହିଛନ୍ତି, ସମୟ ଶେଷ ହେବା ପୂର୍ବରୁ ସେମାନେ ସତର୍କ ହେବା ଭଲ, ନଚେତ ଇରାନ ପାଇଁ ଫେରିବାର କୌଣସି ସୁଯୋଗ ରହିବ ନାହିଁ। ସୂଚନାଯୋଗ୍ୟ, ଇରାନ ଏବେ ହର୍ମୁଜ ପ୍ରଣାଳୀକୁ ଆମେରିକା ଓ ଇସ୍ରାଏଲ ଜାହାଜ ପାଇଁ ସମ୍ପୂର୍ଣ୍ଣ ସିଲ୍ କରିଦେଇଛି ଏବଂ ଭାରତ, ଚୀନ୍, ପାକିସ୍ତାନ ସମେତ ୫ଟି ଦେଶକୁ ସର୍ତ୍ତମୂଳକ ଅନୁମତି ଦେଇଛି। ଏହି ଅବରୋଧ ଯୋଗୁଁ ବିଶ୍ୱ ବଜାରରେ ଯୁଦ୍ଧର ପ୍ରଭାବ ପ୍ରଭାବ ଆର୍ଥିକ କ୍ଷେତ୍ରରେ ଦେଖିବାକୁ ମିଳିଛି। କେତେକ କ୍ଷେତ୍ରରେ ଇରାନ ମୋଟା ଅଙ୍କର ଶୁଳ୍କ ବଦଳରେ ଜାହାଜଗୁଡ଼ିକୁ ଯିବାକୁ ଅନୁମତି ଦେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ତୀବ୍ର ହୋଇଛି। ଇସ୍ରାଏଲ ପକ୍ଷରୁ ତେହେରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ଆଇଆର୍‌ଜିସିର କମାଣ୍ଡ ସେଣ୍ଟର ଉପରେ ପ୍ରବଳ ଏୟାର୍ ?ଷ୍ଟ୍ରାଇକ କରାଯାଇଛି। ଏହାର ପ୍ରତିଶୋଧ ସ୍ୱରୂପ ଇରାନ ତେଲ୍ ଅଭିଭ୍ ସମେତ ଇସ୍ରାଏଲର କେନ୍ଦ୍ରୀୟ ଅଞ୍ଚଳ ଏବଂ ଗଲ୍ଫ ଦେଶରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଶତାଧିକ ମିସାଇଲ ଓ ଡ୍ରୋନ୍ ମାଡ଼ କରିଛି। ଆବୁଧାବିରେ ମିସାଇଲର ଭଗ୍ନାବଶେଷ ପଡ଼ି ଦୁଇ ଜଣ ପ୍ରବାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ବାହାରିନ ଆନ୍ତର୍ଜାତୀୟ ବିମାନ ବନ୍ଦର ନିକଟରେ ଥିବା ଏକ ତୈଳ ଡିପୋରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି, ଯାହାକୁ ଇରାନର ଆକ୍ରମଣ ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ହେଜବୁଲ୍ଲାର ରକେଟ ମାଡ଼ରେ ମଧ୍ୟ ଇସ୍ରାଏଲରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶାନ୍ତି ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପକ୍ଷରୁ ଦିଆଯାଇଥିବା ୧୫ ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବକୁ ଇରାନ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଯଦି ସ୍ଥଳ ଯୁଦ୍ଧ ଆରମ୍ଭ ହୁଏ, ତେବେ ଏହା କେବଳ ଇରାନ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ବଡ଼ ବିପଦ ଆଣିବ।

# ଆଇପିଏଲର ବାକି ୫୦ ମ୍ୟାଚ୍‌ର ସୂଚୀ ଜାରି କଲା ବିସିସିଆଇ




ନୂଆଦିଲ୍ଲୀ, ୨୬।୩: ଆଇପିଏଲ ୨୦୨୬ର ବାକି ଥିବା ୫୦ଟି ଲିଗ ମ୍ୟାଚ୍‌ରେ ସୂଚୀ ଆଜି ବିସିସିଆଇ ପକ୍ଷରୁ ସାର୍ବଜନୀନ କରାଯାଇଛି। ଆସନ୍ତା ୨୮ରୁ ଆଇପିଏଲର ୧୯ତମ ସଂସ୍କରଣ ଆରମ୍ଭ ହେଉଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ସୂଚୀ ସାମ୍ନାକୁ ଆସିଛି।

ପ୍ରଥମ ପର୍ଯ୍ୟାୟରେ ୪ ରାଜ୍ୟର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିସିସିଆଇ ୨୦ଟି ଲିଗ ମ୍ୟାଚ୍‌ର ସୂଚୀ ଜାରି କରିଥିଲା। ଆଜି ବାକି ଥିବା ଲିଗ ପର୍ଯ୍ୟାୟର ବାକି ୫୦ଟି ଯାକ ମ୍ୟାଚ୍‌ର ସୂଚୀକୁ ଜାରି କରାଯାଇଛି।

ମୋଟ ୧୨ଟି ସହରରେ ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ, କୋଲକାତା, ଦିଲ୍ଲୀ, ଅହମଦାବାଦ, ହାଇଦ୍ରାବାଦ, ଲକ୍ଷ୍ନୌ, ଜୟପୁର, ଧର୍ମଶାଳା, ରାୟପୁର ଏବଂ ଚଣ୍ଡିଗଡ଼ ସହରରେ ମୋଟ୍ ୫୦ଟି ମ୍ୟାଚ୍ ଖେଳାଯିବ । ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲସ ମଧ୍ୟରେ ହାଇଦ୍ରାବାଦରେ ଖେଳାଯିବ । କ୍ରିକେଟ ପ୍ରେମୀଙ୍କ ପାଇଁ ମୋଟ ୮ଟି ଡବଲ୍ ହେଡର୍ ମ୍ୟାଚ୍‌ର ବ୍ୟବସ୍ଥା କରାଯାଇଛି । ଅର୍ଥାତ୍ ଗୋଟିଏ ଦିନରେ ୨ଟି ମ୍ୟାଚ୍, ଅପରାହ୍ନ ୩.୩୦ରେ ଏବଂ ସନ୍ଧ୍ୟା ୭.୩୦ରେ ଖେଳାଯିବ । ଲିଗ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ୭୦ଟି ଲିଗ ମ୍ୟାଚ୍ ମୋଟ ୧୩ଟି ଭେନ୍ୟୁରେ ଖେଳାଯିବ। ମାର୍ଚ୍ଚ ୨୮ରେ ଆରମ୍ଭ ହେଉଥିବା ଆଇପିଏଲର ପ୍ରଥମ ମ୍ୟାଚ୍‌ରେ ଆରସିବି ଓ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହେବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଏପ୍ରିଲ ୧୩ରୁ ଆରମ୍ଭ ହେବ।ହାଇଦ୍ରାବାଦ ନିଜ ହୋମ ଗ୍ରାଉଣ୍ଡରେ ରାଜସ୍ଥାନ ରୟାଲ୍ସକୁ ଭେଟିବ। ଆଇପିଏଲ ଲିଗ ପର୍ଯ୍ୟାୟର ଶେଷ ମ୍ୟାଚ୍ ମେ’ ୨୪ରେ ଅନୁଷ୍ଠିତ ହେବ। ଶେଷ ଲିଗରେ କୋଲକାତା ନାଇଟ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ଇଡେନ ଗାର୍ଡେନ୍ସ ଲଢ଼ କରିବେ। ଲିଗ ପର୍ଯ୍ୟାୟର ମ୍ୟାଚ୍ ସୂଚୀ ଆଜି ଜାରି କରାଯାଇଥିବା ବେଳେ ପ୍ଲେ ଅଫ ଓ ଫାଇନାଲ ତାରିଖ ଏଯାଏ ଚୂଡାନ୍ତ ହୋଇନି। ଏ ସମ୍ପର୍କରେ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ବିସିସିଆଇ କହିଛି। ୧୩ଟି ଭେନ୍ୟୁରେ ଗ୍ରୁପ ପର୍ଯ୍ୟାୟର ୭୦ଟି ଯାକ ମ୍ୟାଚ୍ ଖେଳାଯିବ। ୧୦ଟି ଟିମର ସମସ୍ତ ହୋମ ଗ୍ରାଉଣ୍ଡ ବ୍ୟତୀତ ଗୁହାଟୀ, ରାୟପୁର ଓ ଧର୍ମଶାଳାରେ ମଧ୍ୟ କିଛି ମ୍ୟାଚ୍ ଅନୁଷ୍ଠିତ ହେବ। ରାଜସ୍ଥାନ ନିଜର ୭ଟି ହୋମ ମ୍ୟାଚ୍‌ରୁ ୩ଟି ଗୁହାଟୀରେ ଖେଳିବାକୁ ଥିବା ବେଳେ ୪ଟି ଜୟପୁରରେ ଖେଳିବ।

ସେହିପରି ପଞ୍ଜାବ ଧର୍ମଶାଳାରେ ୩ଟି ଓ ମୁଲ୍ଲାନପୁରରେ ୪ଟି ହୋମ ଗେମ ଖେଳିବ ବୋଲି ବିସିସିଆଇ କହିଛି। ଡିଫେଣ୍ଡିଂ ଚାମ୍ପିୟନ ଆରସିବି ପ୍ରଥମ ଥର ପାଇଁ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀରେ ନିଜର ସମସ୍ତ ହୋମ ମ୍ୟାଚ୍ ଖେଳିବ ନାହିଁ।୭ଟି ହୋମ ମ୍ୟାଚ୍‌ରୁ ଆରସିବି ୫ଟି ଏମ ଚିନ୍ନାସ୍ୱାମୀରେ ଓ ୨ଟି ରାୟପୁରରେ ଖେଳିବ। ମେ’ ୧୦ରେ ଦଳ ରାୟପୁରରେ ମୁମ୍ବାଇକୁ ଓ ମେ’ ୧୩ରେ କୋଲକାତା ନାଇଟ ରାଇଡର୍ସକୁ ଭେଟିବ।

## ଫିଫା ବିଶ୍ୱକପ୍, ୧୫୦୦୦ ଡଲାର ଦେଲେ ମିଳିବ ଆମେରିକା ଭିସା

ନୂଆଦିଲ୍ଲୀ, ୨୬/୦୩: କାନାଡା, ମେକ୍ସିକୋ ଓ ଆମେରିକା ମିଳିତ ଭାବେ ଫିଫା ବିଶ୍ୱକପ୍ର ୨୦୨୬ ସଂସ୍କରଣ ଆୟୋଜନ କରିବେ । କିନ୍ତୁ ଆମେରିକାରେ ଯେଉଁ ପ୍ରଶଂସକମାନେ ମ୍ୟାଚ୍ ଦେଖିବାର ଇଚ୍ଛା ରଖିଛନ୍ତି ତାହା ହୁଏତ ଏଥର ପୂରଣ ହୋଇ ନପାରେ । ଆମେରିକା ବିଭିନ୍ନ ଦେଶରୁ ଆସିବାକୁ ଥିବା ଫୁଟବଲ ପ୍ରଶଂସକଙ୍କ ପାଇଁ ଏକ କଟକଣା ଲଗାଇଛି। ଏଥିରୁ ଫୁଟବଲ ଖେଳାଳିମାନେ ମଧ୍ୟ ବାଦ ପଡି ନାହାନ୍ତି । ୧୫୦୦୦ ଡଲାରର ବଣ୍ଡ ଦାଖଲ କଲେ ଯାଇ ଆମେରିକାର ଟୁରିଷ୍ଟ (ପର୍ଯ୍ୟଟକ) ଭିସା ମିଳିପାରିବ । କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏ ନିୟମ ବିଭିନ୍ନ ଦଳର ଖେଳାଳିଙ୍କ ପାଇଁ ଲାଗୁ ନକରିବାକୁ ଫିଫା ପକ୍ଷରୁ ଅନୁରୋଧ କରାଯାଇଛି । ଆମେରିକାର ଏହି ଅଜବ ନିୟମ କେବଳ ପ୍ରଶଂସକ ନୁହଁନ୍ତି, ବିଶ୍ୱକପ୍ରେ ଅଂଶ ଗ୍ରହଣ କରୁଥିବା ବିଭିନ୍ନ ଦଳ ପାଇଁ ମଧ୍ୟ ମୁଣ୍ଡ ବିନ୍ଧାର କାରଣ ପାଲଟିଛି।

## ନ୍ୟୁଜିଲାଣ୍ଡର ନୂଆ ‘ଏନଜେଡ୍୨୦’

ଖ୍ରୀଷ୍ଟଚର୍ଚ୍ଚ, ୨୬।୩: ବିଶ୍ୱରେ ଏବେ ଲିଗ୍ କ୍ରିକେଟ୍ ଲୋକପ୍ରିୟ ହୋଇଚାଲିଥିବାବେଳେ ଏକ ନୂଆ ଲିଗ୍ ଆରମ୍ଭ ହେବାକୁ ଯାଉଛି। ତାହା ହେଉଛି ନ୍ୟୁଜିଲାଣ୍ଡର ଘରୋଇ କ୍ରିକେଟ୍ ଲିଗ୍ ‘ଏନଜେଡ୍୨୦’। ୨୦୦୫ରୁ ନ୍ୟୁଜିଲାଣ୍ଡରେ ଖେଳାଯାଉଥିବା ସ୍ଥାନୀୟ କ୍ଲବ ଭିତ୍ତିକ କ୍ରିକେଟ୍ ପ୍ରତିଯୋଗିତା ‘ସୁପର ସ୍ମାସ୍’ ବଦଳରେ ଏହି ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍ ଆରମ୍ଭ କରାଯିବ। ଏହି ନୂଆ ଲିଗ୍‌ରେ ମହିଳା କ୍ରିକେଟ୍‌କୁ ବି ସାମିଲ କରାଯିବ। ଏହି ଲିଗ୍ ଆରମ୍ଭ ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ନୀତିଗତ ମଂଜୁରୀ ଦେଇଛି। ବ୍ୟବସାୟିକ, ଢାଞ୍ଚାଗତ ଓ ପରିଚାଳନାଗତ ପ୍ରସଙ୍ଗର ସମାଧାନ ପରେ ଏହି ଲିଗ୍‌କୁ ଚୂଡ଼ାନ୍ତ ମଂଜୁରୀ ମିଳିବ। ଏହି ଲିଗ୍‌ରେ ଛଅଟି ଦଳ ରହିବ ଓ ଆସନ୍ତା ୨୦୨୭ ଜାନୁଆରିରୁ ଏହାକୁ କରିବାକୁ ଉଦ୍ୟମ କରାଯାଉଛି । ଏହା ପୂର୍ବରୁ ସୁପର ସ୍ମାସ୍ ଲିଗ୍‌କୁ ଅଷ୍ଟ୍ରେଲିଆର ବିଗ୍‌ବାସ୍ ଲିଗ୍‌ରେ ସାମିଲ କରିବାକୁ ବୋର୍ଡ଼ ବିଚାର କରୁଥିଲା, କିନ୍ତୁ ପରେ ଏହା ବଦଳରେ ପୁରୁଣା ଲିଗ୍‌ର ନବୀକରଣ କରି ଏକ ସ୍ୱତନ୍ତ୍ର ଲିଗ୍ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ବୋର୍ଡ ସଭାପତି ଡାଏନା ପୁକେଟାପି ଲିଣ୍ଟନ୍ କହିଛନ୍ତି ।

## ଏମସିଏକୁ ହରାଇ ସେମିରେ ପାରାମାଉଣ୍ଟ

ଭୁବନେଶ୍ୱର୨୬।୩: : ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶେଷ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି ପାରାମାଉଣ୍ଟ ସ୍ପୋର୍ଟିଂ। ଆଜି ଶେଷ କ୍ୱାର୍ଟର ଫାଇନାଲରେ ଦଳ ଏକତରଫା ଭାବେ କଟକର ମନୋଜ କ୍ରିକେଟ ଏକାଡେମୀ(ଏମସିଏ)କୁ ହରାଇ ସେମି ଟିକେଟ ହାସଲ କରିଛି। ସେମିରେ ଦଳର ମୁକାବିଲା ଆସନ୍ତା ଶନିବାର ରେଡ ଷ୍ଟାର ସହ ହେବ। ଶୁକ୍ରବାର ପ୍ରଥମ ସେମିରେ ଏଲଏଲସିସି ଓ ସହିଦ ସ୍ପୋର୍ଟିଂ ଲଢ଼ କରିବେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଏମସିଏ ନିର୍ଦ୍ଧାରିତ ୩୫ ଓଭରରେ ସମସ୍ତ




ୱିକେଟ ହରାଇ କେବଳ ୧୨୭ ରନ କରିଥିଲା। ଦଳ ପକ୍ଷରୁ ଅଖିଳ ପ୍ରଧାନ ସର୍ବାଧିକ ୪୪ ରନ ଓ ସାଇ ପ୍ରଜ୍ୟୋତି ଶତପଥୀ ୩୭ ରନ କରିଥିଲେ। ସେହିପରି ସାଇ ସଂଗ୍ରାମ ଦାସ କେବଳ ୧୨ ରନ କରିପାରିଥିଲେ। ଏହି ୩ ଜଣଙ୍କୁ ଛାଡି ଦେଲେ ଏମସିଏର ଆଉ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ପାରାମାଉଣ୍ଟ ପକ୍ଷରୁ ଆୟୁଷ୍ମାନ ପାତ୍ର ଓ ଏସ୍ ଆଲାମ ୨ଟି ଲେଖାଏ ୱିକେଟ ନେଇଥିବା ବେଳେ ଆୟୁଷ ତ୍ରିପାଠୀ, ଶେଖ ଫରାନ ଓ ସମ୍ବିତ ମିଶ୍ର ଗୋଟିଏ ଲେଖାଏ ସଫଳତା ହାସଲ କରିଥିଲେ। ୧୨୮ ରନର ଟାର୍ଗେଟକୁ ପାରମାଉଣ୍ଟ ମାତ୍ର ଗୋଟିଏ ହରାଇ ୧୮ ଓଭରରେ ହାସଲ କରି ନେଇଛି। ଆୟୁଷ୍ମାନ ପାତ୍ର ୫୫ ବଲରେ ଅପରାଜିତ ୬୫ ରନ ଓ ସୁସଙ୍କତ ରାଉତ ୪୯ ବଲରେ ଅପରାଜିତ ୫୬ ରନ କରି ଦଳକୁ ବିଜୟ ଭେଟି ଦେଇଛନ୍ତି। ଦଳର ଏକମାତ୍ର ବ୍ୟାଟର ଭାବେ କେବଳ ପ୍ରୀତମ ପି ରାଉତ ଆଉଟ ହୋଇଥିଲେ। ତାଙ୍କ ୱିକେଟ ଆୟୁଷ ରାଉତ ନେଇଛନ୍ତି। ବୋଲିଂରେ ୨ଟି ୱିକେଟ ଓ ବ୍ୟାଟିଂରେ ଅପରାଜିତ ୬୫ ରନ କରିଥିବା ଆୟୁଷ୍ମାନ ପାତ୍ରଙ୍କୁ ଅର୍ନସ କନଷ୍ଟ୍ରକସନ ପ୍ରାଇଭେଟ ଲିଃର ଏମଡି ରିଶି ନାୟକ ଓ ସୁନ୍ଦରଗଡର ଦିବ୍ୟ କଲେଜ ଅଫ ନର୍ସିଂର ଉପାଧ୍ୟକ୍ଷ ଶ୍ରୀକାନ୍ତ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଦେଇଛନ୍ତି।

# ବେଙ୍ଗାଲୁରୁକୁ ଫେରିଲା ଅନ୍ତର୍ଜାତୀୟ କ୍ରିକେଟ, ଗୁହାଟୀରେ ବିଜିଟି ଡେବ୍ୟୁ

## ୪ ସିରିଜ୍ ପାଇଁ ବିସିସିଆଇ ଘୋଷଣା କଲା ତାରିଖ ଓ ସ୍ଥାନ

ନୂଆଦିଲ୍ଲୀ, ୨୬।୩: ଭାରତୀୟ ପୁରୁଷ କ୍ରିକେଟ ଟିମର ୨୦୨୬-୨୭ ଘରୋଇ ସିରିଜର ମ୍ୟାଚ୍ ସେଡ୍ୟୁଲ ଆଜି ବିସିସିଆଇ ପକ୍ଷରୁ ସାର୍ବଜନୀନ କରାଯାଇଛି । ବିସିସିଆଇ ମ୍ୟାଚ୍ ସୂଚୀ ଘୋଷଣା କରିବା ମାତ୍ରେ ବେଙ୍ଗାଲୁରୁବାସୀଙ୍କୁ ମିଳିଛି ଖୁସି ଖବର। ୨୦୨୪ ଅକ୍ଟୋବର ମାସ ପରେ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ ପୁଣି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାକୁ ଅଧିକାର ପାଇଛି। ୨୦୨୪ ଅକ୍ଟୋବରରେ ଏଠାରେ ଭାରତ ଶେଷ ଥର ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ୨୦୨୫ ଆଇପିଏଲ ପରେ ହୋଇଥିବା ଦଳଚକଟା ଯୋଗୁ ଚିନାସ୍ୱାମୀ କ୍ରିକେଟ ଆୟୋଜନ କରିବାରୁ ବଞ୍ଚିତ ହୋଇଥିଲା। ଚଳିତ ବର୍ଷ ଚିନାସ୍ୱାମୀଙ୍କୁ ଆଇପିଏଲ ଫେରିଥିବା ବେଳେ ଏବେ ଏଠାରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବାକୁ ବିସିସିଆଇ ଅନୁମତି ଦେଇଛି।

ଅତିରିକ୍ତ ଭାବେ ଗୁହାଟୀରେ ଥିବା ବାର୍ସାପାରା କ୍ରିକେଟ ଷ୍ଟାଡିୟମ ପ୍ରଥମଥର ପାଇଁ ଗୁରୁତ୍ୱପୂର୍ଣ୍ଣ ବର୍ଡର ଗାଭାସ୍କର ଟେଷ୍ଟ(ବିଜିଟି) ସିରିଜ ଆୟୋଜନ କରିବ। ଭାରତୀୟ କ୍ରିକେଟ ଟିମର ଘରୋଇ ସିରିଜ ବ୍ୟସ୍ତ ବହୁଳ ରହିବ।





ଦଳ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଜିମ୍ବାୱେ ଓ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଖେଳିବ। ପୂରା ସିଜିନରେ ୨୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଦେଶର ୧୭ଟି ସହରରେ ଆୟୋଜନ ହେବ। ଘରୋଇ ଋତୁ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରୁ ଆରମ୍ଭ ହେବ। ଭାରତ ଓ ୱେଷ୍ଟଇଣ୍ଡିଜ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୭ ଯାଏ ମ୍ୟାଚ୍ ଖେଳିବେ। ପ୍ରଥମେ ଦୁଇ ଦେଶ ୩ଟି ଦିନିକିଆ ମ୍ୟାଚ୍ ଖେଳିବେ। ଏହାପରେ ୫ଟିକିଆ ଟି-୨୦ ସିରିଜ ଅନୁଷ୍ଠିତ ହେବ। ଦିନିକିଆ ସିରିଜ ଗୁଡିକ ତ୍ରିବେନ୍ଦ୍ରମ, ଗୁହାଟୀ ଓ ନ୍ୟୁ ଚଣ୍ଡିଗଡରେ ଖେଳାଯିବାକୁ ଥିବା ବେଳେ ଟି-୨୦ ମ୍ୟାଚ୍‌ଗୁଡିକ ଲକ୍ଷ୍ନୌ, ରାଞ୍ଚି, ଇନ୍‌ଦୋର, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ୱେଷ୍ଟଇଣ୍ଡିଜ ପରେ ଭାରତ ଗସ୍ତରେ ଧଳା ବଲ କ୍ରିକେଟ ସିରିଜ ଖେଳିବାକୁ ଆସିବ ପଡଶୀ ଶ୍ରୀଲଙ୍କା। ୨ଦଳ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବେ। ଦିଲ୍ଲୀ, ବେଙ୍ଗାଲୁରୁ ଓ ଅହମଦାବାଦରେ ଦିନିକିଆ ଓ ରାଜକୋଟ, କଟକ ଓ ପୁଣେରେ ଟି-୨୦ ମ୍ୟାଚ୍‌ଗୁଡିକ ଆୟୋଜନ ହେବ।

୨୦୨୭ ନୂଆବର୍ଷ ଆରମ୍ଭରେ ଜିମ୍ବାୱେ ୩ଟିକିଆ ଦିନିକିଆ ମ୍ୟାଚ୍ ଖେଳିବାକୁ ଭାରତ ଆସିବ। ଜାନୁଆରୀ ୩ରୁ ୯ ଯାଏ ଦୁଇ ଦେଶ କୋଲକାତା, ହାଇଦ୍ରାବାଦ ଓ ମୁମ୍ବାଇରେ ମ୍ୟାଚ୍ ଖେଳିବେ।

ଭାରତୀୟ ଟିମ ଘରୋଇ ସିଜିନର ଶେଷ ଭାଗରେ ଅଷ୍ଟ୍ରେଲିଆ ସହ ବର୍ଡର ଗାଭାସ୍କର ଟେଷ୍ଟ ସିରିଜ ଖେଳିବ। ବର୍ଡର ଗାଭାସ୍କର ଟ୍ରଫି ଜାନୁଆରୀ ୨୧ରୁ ମାର୍ଚ୍ଚ ୩ ଯାଏ ଚାଲିବ। ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ନାଗପୁରରେ ଖେଳାଯିବ। ଏହାପରେ ଚେନ୍ନାଇ, ଗୁହାଟୀ, ରାଞ୍ଚି ଓ ଅହମଦାବାରେ ବାକି ୪ଟି ଯାକ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଟେଷ୍ଟ ଜାନୁଆରୀ ୨୧ରୁ ୨୫ ଯାଏ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ଟେଷ୍ଟ ଜାନୁଆରୀ ୨୯ରୁ ଫେବୃଆରୀ ୨ ଯାଏ ଚାଲିବ। ଗୁହାଟୀରେ ଫେବୃଆରୀ ୧୧ରୁ ୧୫, ରାଞ୍ଚିରେ ଫେବୃଆରୀ ୧୯ରୁ ୨୩ ଓ ଅହମଦାବାଦରେ ଫେବୃଆରୀ ୨୭ରୁ ମାର୍ଚ୍ଚ ୩ ଯାଏ ଦୁଇ ଦେଶ ଟକ୍କର କରିବେ।

# ଆରସିବି ବିକ୍ରି ନେଇ ପ୍ରତିକ୍ରିୟା ଦେଲେ ମାଲ୍ୟା






ନୂଆଦିଲ୍ଲୀ: ରେକର୍ଡ ୧୬,୫୦୦ କୋଟିରେ ଦଳର ବିକ୍ରୟ ପରେ ପୂର୍ବତନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମାଲିକ ବିଜୟ ମାଲ୍ୟା ତାଙ୍କ ସମାଲୋଚକମାନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଆଦିତ୍ୟ ବିର୍ଲା ଗ୍ରୁପ୍, ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍ ଏବଂ ବୋଲ୍ଟ ଭେଞ୍ଚର୍ସର ଏକ ସଂଘ ଦ୍ୱାରା କ୍ରୟ କରାଯାଇଥିବା ଏହି ଫ୍ରାଞ୍ଚାଇଜି କ୍ରିକେଟ୍ ଜଗତକୁ ଚକିତ କରିଛି।

ବିଜୟ ମାଲ୍ୟା ଏକ ବିଜୟୀ ଲ୍ୟାପ୍ ନେଇଥିଲେ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ପୁରୁଣା ସ୍ମୃତି ବାଣ୍ଟିଥିଲେ। ସେ ବ୍ୟାଖ୍ୟା କରିଥିଲେ ଯେ ଯେତେବେଳେ ସେ ୨୦୦୮ ମସିହାରେ ୪୫୦ କୋଟିରେ ଦଳକୁ କିଣିଥିଲେ ସେହି ସମୟରେ ଲୋକମାନେ ଏହାକୁ ତାଙ୍କର ପାଗଳାମି ଏବଂ ଏକ ଭ୍ରାନ୍ତ ପ୍ରକଳ୍ପ ବୋଲି ପରିହାସ କରିଥିଲେ। ମାଲ୍ୟା ଲେଖିଛନ୍ତି, ଏହା ଦେଖିବା ଅତ୍ୟନ୍ତ ଆନନ୍ଦଦାୟକ ଯେ ମୋର ୪୫୦ କୋଟି ନିବେଶ ଆଜି ୧୬,୫୦୦ କୋଟିରେ ପହଞ୍ଚିଛି। ସେ ନୂତନ ମାଲିକମାନଙ୍କୁ ଅଭିନନ୍ଦନ ଜଣାଇ ଆରସିବିକୁ ତାଙ୍କ ଡିଏନ୍‌ଏର ଏକ ଅଂଶ ବୋଲି କହିଥିଲେ।

ମାଲ୍ୟା ତାଙ୍କ ବାର୍ତ୍ତାରେ ସ୍ୱତନ୍ତ୍ର ଭାବରେ ବିରାଟ କୋହଲିଙ୍କ ନାମ ଉଲ୍ଲେଖ କରିଛନ୍ତି। ସେ ମନେ ପକାଇଛନ୍ତି ଯେ ତାଙ୍କ କାର୍ଯ୍ୟକାଳ ସମୟରେ ଜଣେ ଯୁବ ବିରାଟ କୋହଲି, ଯିଏ ଆଜି ବିଶ୍ୱର ଶ୍ରେଷ୍ଠ ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ। ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ମାଲ୍ୟା ବାଙ୍ଗାଲୋର ଲାୟନ୍ସର ପ୍ରଶଂସକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି କହିଛନ୍ତି ଯେ ଏହା ସେମାନଙ୍କର ବ୍ରାଣ୍ଡ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପ୍ରତିଷ୍ଠା ପଛରେ ଏକ ଦୃଷ୍ଟିକୋଣ ଥିଲା, ଯାହା ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିଛି।

ମାର୍ଚ୍ଚ ୨୪ ତାରିଖ ଆଇପିଏଲ୍‌ର ଆର୍ଥିକ ଇତିହାସରେ ଏକ ଦ୍ୱିଗୁଣିତ ଘଟଣା ଥିଲା। କୁମାର ମଙ୍ଗଳମ ବିର୍ଲାଙ୍କ ନେତୃତ୍ୱରେ ଏକ କନସୋର୍ଟିୟମ୍ ଦ୍ୱାରା ଆରସିବି କ୍ରୟ କରାଯାଇଥିବା ବେଳେ ରାଜସ୍ଥାନ ରୟାଲ୍ସକୁ ମଧ୍ୟ ଆମେରିକୀୟ ନିବେଶକ କାଲ୍ ସୋମାନୀ ୧.୬୩ ଡଲାର ବିଲିୟନରେ ଅଧିଗ୍ରହଣ କରିଥିଲେ। ଆରସିବିର ପୂର୍ବତନ ମାଲିକ, ୟୁନାଇଟେଡ୍ ସ୍ପିରିଟ୍ସ ଲିମିଟେଡ୍, ଏହାକୁ ଏକ ଅଣ-କୋର ସମ୍ପତ୍ତି ଭାବରେ ଦର୍ଶାଇ ଏହାକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ବିସିସିଆଇ ଏବଂ ସିସିଆଇର ଅନୁମୋଦନ ସହିତ ମାଲିକାନା ସମ୍ପୂର୍ଣ୍ଣ ଭାବରେ ହସ୍ତାନ୍ତର କରାଯିବ।


## ଓସିଏ କ୍ଲବ୍ ଲିଗ୍: ନିଶାନ୍ତଙ୍କ ବିସ୍ଫୋରକ ଶତକ

କଟକ, ୨୬।୩: ଓସିଏକ୍ଲବ୍ ଲିଗ୍‌ରେ ବୁଧବାର ରାଇଜିଂ ଷ୍ଟୁଡେଣ୍ଟସ କ୍ଲବ୍, ବାରବାଟୀ କଲଚ୍‌ରାଲ୍ ୟୁନିୟନ୍, ଜୁଭେନାଇଲ୍ କ୍ଲବ୍ ଓ ରୟାଲ କ୍ଲବ୍ ବିଜୟୀ ହୋଇଛନ୍ତି। ବାରବାଟୀ କଲଚ୍‌ରାଲ୍ ୟୁନିୟନ୍‌ର ଅନିରୁଦ୍ଧ ଶ୍ରୀବାସ୍ତବଙ୍କ ୫ୱିକେଟ ଅକ୍ତିଆର ସହ ରୟାଲ କ୍ଲବ୍‌ର ନିଶାନ୍ତ କୁସ୍ୱାଙ୍କ ଶତକ ଆଜିର ଉଲ୍ଲେଖନୀୟ ବିଷୟ ଅଟେ। ରେଭେନସା ବିଶ୍ୱବିଦ୍ୟାଳୟ ପଡିଆ-୧ରେ ଷ୍ଟୁଡେଣ୍ଟସ୍ କ୍ଲବ୍ ୬ ୱିକେଟ୍‌ରେ କିଶୋର କ୍ଲବ୍‌କୁ ପରାସ୍ତ କରିଛି। କିଶୋର କ୍ଲବ୍ ୪୭ ଓଭରରେ ୧୯୬ ରନ୍ କରିଥିଲା ବେଳେ ରାଇଜିଂ ଷ୍ଟୁଡେଣ୍ଟସ୍ ୨୨.୩ ଓଭରରେ ୪ ୱିକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ସୁମିତ କୁମାର (୪/୨୦) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ବାରବାଟୀ କଲଚ୍‌ରାଲ ୟୁନିୟନ ୮ ୱିକେଟ୍‌ରେ ଟାଉନ୍ କ୍ଲବ୍‌କୁ ହରାଇଛି। ଟାଉନ୍ କ୍ଲବ୍ ୪୧.୩ ଓଭରରେ ୧୭୬ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ବାରବାଟୀ କଲଚ୍‌ରାଲ ୟୁନିୟନ ମାତ୍ର ୧୨.୫ ଓଭରରେ ୨ ୱିକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅନୁରୁଦ୍ଧ ଶ୍ରୀବାସ୍ତବ (୫/୨୨) ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ସନ୍‌ସାଇନ୍ ପଡିଆରେ ଜୁଭେନାଇଲ୍ କ୍ଲବ୍ ୯ ୱିକେଟ୍‌ରେ ରାଇଜିଂ ଷ୍ଟାର୍ କ୍ଲବ୍‌କୁ ମାତ୍ ଦେଇଛି। ରାଇଜିଂ ଷ୍ଟାର୍ କ୍ଲବ୍ ୩୨.୫ ଓଭରରେ ୧୪୭ ରନରେ ଅଟକିଯାଇଥିଲା। ଜବାବରେ ଜୁଭେନାଇଲ ୧୫.୧ ଓଭରରେ ଗୋଟିଏ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଜୁଭେନାଇଲର ରାକେଶ ପଟ୍ଟନାୟକ (୩୬ବଲରୁ ୮୯) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବାରବାଟୀ ଷ୍ଟାଡିୟମ୍‌ରେ ରୟାଲ୍ କ୍ଲବ ୮ ୱିକେଟରେ ମଙ୍ଗଳା କ୍ଲବ୍‌କୁ ହରାଇଛି। ମଙ୍ଗଳା କ୍ଲବ୍ ୪୯.୧ ଓଭରରେ ୨୨୩/୧୦ କରିଥିଲା। ଜବାବରେ ନିଶାନ୍ତ କୁସ୍ୱା (୫୯ ବଲ୍‌ରୁ ୧୪୪ ରନ୍)ଙ୍କ ବିସ୍ଫୋରକ ଶତକ ବଳରେ ରୟାଲ କ୍ଲବ୍ ୨୩.୩ ଓଭରରେ ୨ ୱିକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ନିଶାନ୍ତଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।




## ପ୍ରଥମ ମ୍ୟାଚ୍ ଖେଳିବେ ବୁମ୍‌ରା

ମୁମ୍ବାଇ, ୨୬/୦୩: ଆଇପିଏଲ୍ ପାଇଁ ସମସ୍ତ ଦଳ ପ୍ରସ୍ତୁତି ଚଳାଇଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମୀର ଉତ୍କର୍ଷ କେନ୍ଦ୍ରରେ ପହଞ୍ଚିବା ଖବର ସମସ୍ତଙ୍କୁ ଚକିତ କରିଥିଲା । ବୁମ୍‌ରା ଆହତ ହୋଇଥିବା ପ୍ରଥମେ ଆଶଙ୍କା କରାଯାଇଥିଲା । ମାତ୍ର ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି ଓ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ ଖେଳିବେ ବୋଲି ଜଣାପଡିଛି । ମୁମ୍ବାଇ ଇଣ୍ଡିଆନ୍ସ ୨୯ ତାରିଖରେ ଅଭିଯାନ ଆରମ୍ଭ କରିବ ଓ ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସକୁ ଭେଟିବେ । ବୁମ୍‌ରା ଉକ୍ତ ମ୍ୟାଚ୍ ଖେଳିବେ ।ମିଳିଥିବା ସୂଚନା ଅନୁଯାୟୀ, ବୁମ୍‌ରାଙ୍କ କାର୍ଯ୍ୟଭାର ଉପରେ ବିସିସିଆଇ ଗୁରୁତ୍ୱ ଦେଉଛି । ତେଣୁ ତାଙ୍କ ଫିଟ୍‌ନେସ ଯାଞ୍ଚ କରିବା ପାଇଁ ଏନସିଏକୁ ଡକା ଯାଇଥିଲା । ସେ ଆଉ କିଛି ଦିନ ସେଠାରେ ରହି ଅଭ୍ୟାସ କରିବେ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ipû\K: iêeRòZþ Kêcûe ]k